

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ପ୍ରକାଶ ଅପେକ୍ଷାରେ ନୂଆବର୍ଷ ୨୦୨୫ର ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶନିବାର ୦୮ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 FEBRUARY 2025
Vol.No. 36 ■ No.37 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ଆଜି ଆସିବ ଦିଲ୍ଲୀ ଜନାଦେଶ: କିଏ ମାରିବ ବାଜି ?



ନୂଆଦିଲ୍ଲୀ, ୭/୨ : ରାତି ପାହିଲେ ଆରମ୍ଭ ହେବ ଦିଲ୍ଲୀ ଦଖଲ ପାଇଁ ହିସାବ ନିକାସ । ସକାଳ ୮ଟାରୁ ଚାଲିବ ଭୋଟ୍ ଗଣତି । ତେବେ ଏଥର କିଏ ଦଖଲ କରିବ ଦିଲ୍ଲୀ ସିଂହାସନ ? ତାକୁ ନେଇ ଜାତୀୟ ରାଜଧାନୀ ଉପରେ ସାରା ଦେଶବାସୀଙ୍କ ନଜର । ଏପଟେ ଅଧିକାଂଶ ଏକଜିଟ୍ ପୋଲ ବିଜେପି ସପକ୍ଷରେ ମତ ଦେଇଥିବାରୁ ବିଜେପି ଐତିହାସିକ ବିଜୟ ନେଇ ଆଶା ବାନ୍ଧିଛି । ବିଶେଷକରି ୨୦୨୫ ନିର୍ବାଚନରେ ମୋଦି ଏବଂ ଟିମ୍ ବିଜେପିର ଶକ୍ତ ରଣନୀତି ବିଜେପି ପାଇଁ ଆଶୀର୍ବାଦ ହେବ ବୋଲି ଚର୍ଚ୍ଚା ହେଉଛି । ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନରେ କାମ କରିବ କି ମୋଦି ମ୍ୟାଜିକ୍ ? ଦୀର୍ଘ ୨୭ ବର୍ଷ ପରେ ସତ ହେବାକୁ ଯାଉଛି କି ବିଜେପିର ଦିଲ୍ଲୀ ଦଖଲ ସ୍ୱପ୍ନ ? ଏଥର ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ହୋଇଥିବା ହାଇ ଭୋଲଟେଜ୍ ଲଢେଇ ପରେ ଅଧିକାଂଶ ଏକଜିଟ୍ ପୋଲ ବିଜେପିକୁ ଦେଇଛନ୍ତି ଥମ୍ବ ଅପ୍ । ୧୩ଟି ଏକଜିଟ୍ ପୋଲ ଫଳାଫଳରୁ ସର୍ବାଧିକ ୧୦ଟି ବିଜେପି ସପକ୍ଷରେ ଯାଇଥିବାରୁ ଏଥର ଦିଲ୍ଲୀରେ ପଦ୍ମ ଫୁଟିବା ଆଶାରେ ବିଜେପି । ଦଳ ପ୍ରାୟ ଅଢେଇ ଦଶନ୍ଧି ପରେ ସିଂହାସନ ହାସଲ ଲାଗି ଆଶା ରଖିଥିବା ବେଳେ ସେପଟେ କେଜରିୱାଲଙ୍କ ଝାଡୁ ଏକପ୍ରଚାର ନିଶ୍ଚିହ୍ନ ହେବା ଆଶଙ୍କାରେ । ଅଧିକାଂଶ ଏକଜିଟ୍ ପୋଲର ଆକଳନ ଯଦି ସତ ହୁଏ। ତେବେ ଦିଲ୍ଲୀରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବ ବିଜେପି । ଆଉ ସେପଟେ ହାଟ୍ରିକ୍ ଆଶାରେ ଥିବା ଆପକୁ ମିଳିପାରେ ବିରୋଧୀ ସିଟ୍ । ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ସକାଳ ୮ଟାରୁ ୨୧ଟି ଗଣତି କେନ୍ଦ୍ରରେ ଆରମ୍ଭ ହେବାକୁ ଯାଉଛି ଭୋଟ୍ ଗଣତି । ସମସ୍ତ ୭୦ଟି ଆସନର ଫଳାଫଳ ସଂଧ୍ୟା ୬ଟା ସୁଦ୍ଧା ପ୍ରକାଶ ପାଇବା ନେଇ ଆଶା କରାଯାଉଛି । ଏଥିପାଇଁ ନିର୍ବାଚନ କମିଶନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ସରିଛି । ଏକଦା ସ୍ୱଚ୍ଛ ଆଉ ଦୁର୍ନୀତିମୁକ୍ତ ଶାସନର ପ୍ରତିଶ୍ରୁତି ଦେଇ ଦିଲ୍ଲୀବାସୀଙ୍କ ହୃଦୟ ଜିତି କଂଗ୍ରେସର ଅଭେଦ୍ୟ ଗଡ଼କୁ ଚୁରମାର ▶▶ପୃଷ୍ଠା ୭

## ଆଜି ମିଳିବ ୧୮ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା

### ଯାଜପୁରରେ ଚତୁର୍ଥ ପର୍ଯ୍ୟାୟ କିସ୍ତି ଟଙ୍କା ଦେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭/୨(ନି.ପ୍ର) : କାଲି ମିଳିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା । ଯାଜପୁରରେ ସ୍ୱତନ୍ତ୍ର ଉତ୍ସବରେ ପ୍ରାୟ ୧୮ ଲକ୍ଷ ମହିଳାଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଜି ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ତେବେ ଘଚଉଓରେ ଅସୁବିଧା ଯୋଗୁଁ ବଞ୍ଚିତ ହେଲେ ମାର୍ଚ୍ଚ ୮ରେ ଟଙ୍କା ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରଭାତୀ । ସେପଟେ ପର୍ଯ୍ୟାୟ ପରେ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳୁଥିଲେ ବି ଅନେକ ଆବେଦନକାରୀ ଏହା ନପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ତାସହ ଆସନ୍ତାକାଲି ସେମାନଙ୍କୁ ଟଙ୍କା ମିଳିଯିବ ବୋଲି ଆଶା ବି ରଖିଛନ୍ତି । ଆସନ୍ତାକାଲି ଆଉ ୧୮ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ । ଯାଜପୁରରେ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟର ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କରିବେ । ଏହି ପର୍ଯ୍ୟାୟ ଟଙ୍କା ପ୍ରଦାନ ପରେ ମୋଟ ସୁଭଦ୍ରା ଟଙ୍କା ପାଇଥିବା ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷ ଟପିବ ବୋଲି ଆଜି ସମ୍ବଲପୁରରେ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେଉଁମାନେ ଘଚଉଓରେ ଅସୁବିଧା ଯୋଗୁଁ ଟଙ୍କା ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ▶▶ପୃଷ୍ଠା ୭

## ଖୁବଶୀଘ୍ର ମିଳିବ ଆୟୁଷ୍ମାନ କାର୍ଡ

ନୂଆଦିଲ୍ଲୀ, ୭/୨ : ଖୁବଶୀଘ୍ର ମିଳିବ ଆୟୁଷ୍ମାନ କାର୍ଡ । ମିଶନମୋଡରେ ଚାଲିଛି କାର୍ଡ ଛପା କାର୍ଯ୍ୟ। ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଆୟୁଷ୍ମାନ ଯୋଜନାରେ ସାଢ଼େ ୩ କୋଟି ଲୋକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ଆୟୁଷ୍ମାନ ଭାରତ ସହ ଆଇଟି ଇନଟ୍ରିଗ୍ରେସନ ଚାଲିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ୬୭ ଲକ୍ଷ ପରିବାରକୁ ରାଜ୍ୟ ତାର ନିଜସ୍ୱ ପାଣ୍ଠିରୁ ଓ ୩୩ ଲକ୍ଷ ପରିବାରର ବୀମା ଟଙ୍କା କେନ୍ଦ୍ର ସରକାର ବହନ କରିବେ। ଦେଶର ୩୦ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ ହିତାଧିକାରୀ । ସୂଚନା ଅନୁଯାୟୀ ରାଜ୍ୟବାସୀଙ୍କୁ ଖୁବଶୀଘ୍ର ମିଳିବ ଆୟୁଷ୍ମାନ କାର୍ଡ ଏନେଇ ସୂଚନା ଦେଇଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ଏମଓୟୁ ସ୍ୱାକ୍ଷରିତ ମଧ ହୋଇସାରିଛି । ଦିଲ୍ଲୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେଥିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଥିଲା । ତେବେ ଓଡିଶାରେ ଆୟୁଷ୍ମାନ ପାଇଁ ଏମଓୟୁ ସ୍ୱାକ୍ଷରିତ ହେବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇଥିଲେ । ▶▶ପୃଷ୍ଠା ୭

## ଦିନକ ପରେ ବାରବାଟୀରେ କ୍ରିକେଟର ମହାଯୁଦ୍ଧ: ସୁପର ସଣ୍ଡେରେ ହେବ ସୁପର୍ ସୋ'



କଟକ, ୭/୨ (ନି.ପ୍ର): ଦିନକ ପରେ ବାରବାଟୀରେ ହେବ କ୍ରିକେଟର ମହାଯୁଦ୍ଧ । ସୁପର ସଣ୍ଡେରେ ଇଂଲଣ୍ଡ-ଇଣ୍ଡିଆ ମଧ୍ୟରେ ହେବ ସୁପର ସୋ । ଏଥିପାଇଁ ସଜେଇ ହୋଇଛି ଷ୍ଟାଡ଼ିୟମ୍। ପିଚରୁ ପ୍ୟାଭିଲିୟନ୍, ଷ୍ଟାଡ଼ିୟମରୁ ଟୁଇନସିଟି ବ୍ୟାପି ହୋଇଛି ଜବରଦସ୍ତ ପ୍ରସ୍ତୁତି । ଆସନ୍ତାକାଲି ନେଟ୍ ପ୍ରାକ୍ଟିସ୍ ଲାଗି କଟକ ଯିବେ ଉଭୟେ ଟିମ୍ । ▶▶ପୃଷ୍ଠା ୭

## ଫେବୃଆରୀ ୧୨ରୁ ଦୁଇ ଦିନିଆ ଆମେରିକା ଗସ୍ତ କରିବେ ପ୍ରଧାନମନ୍ତ୍ରୀ: ମୋଦୀଙ୍କ ଗସ୍ତ ଉପରେ ସାରା ବିଶ୍ୱର ନଜର



ନୂଆଦିଲ୍ଲୀ, ୭/୨ : ଫେବ୍ରୁଆରୀ ୧୨ ଓ ୧୩ ମୋଦୀଙ୍କ ଆମେରିକା ଗସ୍ତ । ଏନେଇ ଶୁକ୍ରବାର ବୈଦେଶିକମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଗସ୍ତର ପ୍ରଥମ ଦିନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ । ଉଭୟ ରାଷ୍ଟ୍ରନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କାର୍ଯକ୍ରମ ରହିଛି । ଟ୍ରମ୍ପ ଟୁ ପଏଣ୍ଟ ଜିରୋ ଶାସନ ପରେ ମୋଦୀଙ୍କ ଏହା ପ୍ରଥମ ଆମେରିକା ଗସ୍ତ । ଯାହା ଉପରେ ସାରା ବିଶ୍ୱର ନଜର ରହିଛି । ତେବେ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇ ଜାନୁଆରୀ ୨୨ରେ ଫୋନରେ ବାର୍ତ୍ତାଳାପ କରିବା ଦିନକ ପରେ ମୋଦୀଙ୍କ ହ୍ୱାଇଟ ହାଉସ ଯିବାକୁ ନିମନ୍ତ୍ରଣ ମିଳିଥିଲା ।

## ବଦଳୁଛି ଢାଞ୍ଚା: ଅମଲାତାନ୍ତ୍ରିକ କବ୍‌ଜାରୁ ମୁକୁଳୁଛି ବନ୍ଧା ପଡ଼ିଥିବା ଗଣତାନ୍ତ୍ରିକ ବ୍ୟବସ୍ଥା

ଭୁବନେଶ୍ୱର, ୭/୨(ନି.ପ୍ର) : ଏଇ କିଛି ଦିନ ହେବ ଓଡ଼ିଶାରେ କେତୋଟି ଘଟଣା ବେଶ୍ ଆଲୋଡ଼ନ ସୃଷ୍ଟି କରିଛି । ଘଟଣାଗୁଡିକ ହେଲା କିଛି ମନ୍ତ୍ରୀ ସେମାନଙ୍କ ବିଭାଗର ଅଫିସରମାନଙ୍କୁ କାର୍ଯ୍ୟରେ ଅବହେଳା ଲାଗି ତାଗିଦ୍ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ପ୍ରଥମ ଘଟଣା କ୍ରମରେ ଦେଖାଗଲା ଯେ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭିନ୍ନ ଜିଲ୍ଲାରେ ମଣ୍ଡି ନିଜେ ବୁଲି ଚଳିତ ଖରିଫ୍ ଋତୁ ଧାନ ସଂଗ୍ରହ କାର୍ଯ୍ୟ ତଦାରଖ କରିବା । ତାଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଯେଉଁଠି ଚାଷୀମାନଙ୍କୁ କଟ୍‌ନୀ ଛଟ୍‌ନୀ ନାମରେ ଶୋଷଣ କରାଯାଉଥିଲା, ସେଠି ସେମାନଙ୍କୁ ତାଗିଦ୍ କରିବା ସହିତ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା । ଏହା ସହିତ ଅସାଧୁ ମିଲରମାନଙ୍କ ବିରୋଧରେ ସେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ମନ୍ତ୍ରୀଙ୍କ ମଣ୍ଡି ବୁଲିବା କିଛି ନୂଆ କଥା ନୁହେଁ । କିନ୍ତୁ ଯେଉଁଭଳି ଭାବରେ ମନ୍ତ୍ରୀ ଶ୍ରୀ ପାତ୍ର ସାରା ଓଡ଼ିଶା ବୁଲିଲେ, ତାହା ଦ୍ୱାରା ଅସାଧୁ ମଣ୍ଡି କର୍ମଚାରୀ ଓ ମିଲର ମାଲିକମାନଙ୍କ ମନରେ ଛନକା ପଶିଲା ଏବଂ ସେମାନେ ଯଥା ସମ୍ଭବ ନିଜକୁ ସୁଧାରିବା ପାଇଁ ଯତ୍ନବାନ ହେଲେ । ଦ୍ୱିତୀୟ ଘଟଣାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୟୁରଭଂଜ ଜିଲ୍ଲାରେ ଯେଉଁ ଭଳି ଭାବରେ ଜଣେ ବିଡିଓଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନେବା ପାଇଁ ସର୍ବସମ୍ମୁଖରେ ଘୋଷଣା କଲେ, ତାହା ମଧ ଲୋକମାନଙ୍କୁ ଅଯଥା ବାରମ୍ବାର ଦସ୍ତର ଦୌଡାଉଥିବା ଏବଂ ଅଯଥା ହଇରାଣ ହରକତ କରୁଥିବା ଅଧିକାରୀଙ୍କ ମନରେ ଛନକା ପୂରାଇଛି । ▶▶ପୃଷ୍ଠା ୭

## ରାଜ୍ୟ ସରକାରଙ୍କ ନିଯୁକ୍ତି ମେଳା: ୬ ହଜାର ୩୯୦ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭/୨(ନି.ପ୍ର) : ରାଜ୍ୟ ସରକାରଙ୍କ ନିଯୁକ୍ତି ମେଳା । ୬ ହଜାର ୩୯୦ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗରେ ୨୭୫୩ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୧୧୦ ଜଣ ଆୟୁର୍ବେଦିକ ମେଡିକାଲ୍ ଅଫିସର, ୧୦ ହୋମିଓପାଥିକ ଅଧାପକ ନିଯୁକ୍ତି ପତ୍ର ପାଇଛନ୍ତି । ସେହିଭଳି ଅର୍ଥ, ଜଳସଂପଦ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ନବନିଯୁକ୍ତ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ନିଯୁକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ ଲକ୍ଷ୍ୟ ବୋଲି ମୋହନ ମାଝୀ କହିଛନ୍ତି ।

## ଡ଼ ତପନ କୁମାର ବେହେରାଙ୍କ 'ବାପା ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ



ରୂପସା, ୭/୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ସ୍ଥିତ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ ତପନ କୁମାର ବେହେରାଙ୍କ ବାପା ଓ ଅନ୍ୟାନ୍ୟ ନାଟକ ଆଜି ତା ୭-୨-୨୦୨୫ ରିଖ ଲୋକାର୍ପିତ ହୋଇଯାଇଛି। ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଦୈନିକ ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା ଯୋଗଦେଇ ବାପା ନାଟକ ଏକ ଶିକ୍ଷା ମୂଳକ ପ୍ରତୀକ ଧର୍ମୀ ନାଟକ ବୋଲି କହିଥିଲେ। ମୁଖ୍ୟବକ୍ତା ଗୌରୀ ଗଣନାଟ୍ୟ ର ପୂର୍ବତନ କଳାକାର ଦେବଦୁଲାଳ ମହାପାତ୍ର କହିଥିଲେ ବାପା ସାମ୍ପ୍ରତିକ ସମାଜ ପରିବର୍ତ୍ତନର ସ୍ୱୀକୃତି। ସ୍ୱତନ୍ତ୍ର ଅତିଥି ସୁବର୍ଣ୍ଣ ଶ୍ରୀ ପ୍ରକାଶନ ମୁଖ୍ୟ କାଳିପଦ ପଣ୍ଡା ନାଟକର ଆବଶ୍ୟକତା ସାମ୍ପ୍ରତିକ ସମାଜ ପାଇଁ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବ୍ୟଙ୍ଗ କବି ବିଜୟ ଶ୍ରୀ ଗୋକୁଳା ନନ୍ଦ ରାଉତ ବ୍ୟଙ୍ଗ କବିତା ମାଧ୍ୟମରେ ପିତା ମାତାଙ୍କୁ ବୃଦ୍ଧାଶ୍ରମରେ ନ ଛାଡି ପରିବାର ଭିତରେ ସ୍ନେହ ସମ୍ପର୍କ ଦେଇ ବାନ୍ଧି ରଖିବା ଉଚିତ। ଏହି ପରି ପ୍ରେକ୍ଷୀରେ ବାପା ନାଟକର ନିର୍ଦ୍ଦେଶକ ସୁଦାମ ବୁଗୁଡ଼ାଇ, ସଂଗୀତ ନିର୍ଦ୍ଦେଶକ ମୁରଲୀ ଧର ଦଳେଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନାଟ୍ୟକାର ତପନ ବେହେରାଙ୍କ ଅନ୍ୟତମ ନାଟକ ରେବତୀ, ଅବୁଝା ରାଜାକୁ ର ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥଲା ଉକ୍ତ ଉତ୍ସବରେ ମଞ୍ଚ ଆହ୍ୱାନ କରିଥିଲେ ଅଧାପକ ଗୌରାଙ୍ଗ ପଣ୍ଡା। ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଅଧାପକ ଚନ୍ଦନ ଦାସ। ଅଧାପିକା ରୋଜାଲିନ ସ୍ୱାଇଁ, ଅଧାପିକା ପିନାକ୍ଷୀ ପଣ୍ଡା ମାନପତ୍ର ପାଠ କରିଥିଲେ। ▶▶ପୃଷ୍ଠା ୭

## ବିଜେପି ବିରୋଧରେ ଆପର ଅଭିଯୋଗ: ଆପ ପ୍ରାର୍ଥୀଙ୍କୁ ମିଳିଛି ୧୫କୋଟି ଲେଖାଏଁ ଟଙ୍କାର ଅଫର

ନୂଆଦିଲ୍ଲୀ, ୭/୨ : ଅଫର ୧୫-୧୫ କୋଟି ଟଙ୍କାର । ଆପର ଏକାଧିକ ପ୍ରାର୍ଥଙ୍କୁ କଲ ଆସୁଛି । ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ପ୍ରାର୍ଥୀଙ୍କୁ କିଣିବାକୁ ବିଜେପି ଏଭଳି ଅଫର ଦେଉଛି । ଗୋଟିଏ ମୋବାଇଲ ନମ୍ବରକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଏଭଳି ଅଭିଯୋଗ ଆଣିଛି ଆମ ଆଦମୀ ପାର୍ଟି । ଏହା ପରଠୁ ଦିଲ୍ଲୀ ରାଜନୀତିରେ ବଡ ଧରଣର ହଲଚଲ ଦେଖିବାକୁ ମିଳିଛି । ଘୋଡା ବେପାର ଅଭିଯୋଗକୁ ନେଇ ଆଜି ଦିନ ତମାମ ଉଠିଛି ପଡିଛି ରାଜଧାନୀ ରାଜନୀତି । ସେପଟେ ଅଭିଯୋଗକୁ ଭିତିହୀନ ବିଜେପି ଉପରାଜ୍ୟପାଳ ବିନୟ ସକସେନାଙ୍କୁ ଚିଠି ଲେଖିଛି । ସବୁଠୁ ବଡ କଥା ହେଉଛି ଘଣ୍ଟାକ ମଧ୍ୟରେ ଅଭିଯୋଗର ଆଣ୍ଟି କରପସନ ବ୍ୟୁରୋକୁ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ । ସୂଚନା ଅନୁସାରେ ଏସିବି ଟିମ କେଜ୍ରିୱାଲ, ସଂଜୟ ସିଂ ଓ ମୁକେଶ ଅହଲାବତଙ୍କ ଘରେ ପହଁଚି ବୟାନ ରେକର୍ଡ କରିଛି । ସେପଟେ ବିନା ନୋଟିସ ବାସଭବନରେ କେମିତି ଏସିବି ଟିମ ପହଁଚିଛି ବୋଲି ଆପ ପ୍ରଶ୍ନ କରିଛି । ବୁଥବାହୁଡାମତ ବିଜେପିର ମନବଳକୁ ବଢ଼ାଇଛି । ସେପଟେ ଆପ ଦାବି କରୁଛି ଯେ ଦଳର ୧୬ଜଣ ପ୍ରାର୍ଥୀଙ୍କୁ ପଦ ଏବଂ ଦଳ ପରିବର୍ତ୍ତନ ପାଇଁ ବିଜେପି ପକ୍ଷରୁ ୧୫ କୋଟି ଟଙ୍କାର ପ୍ରସ୍ତାବ ମିଳିଛି। ଆପ ଛାଡି ତାଙ୍କ ଦଳରେ ଯୋଗଦେଲେ ୧୫ କୋଟି ଟଙ୍କା ସହିତ ମନ୍ତ୍ରୀ ପଦ ମିଳିବ ବୋଲି କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି । ସେପଟେ ଯଦି ନଜର ପକାଇବା ଅପରେସନ ଲୋଟୋସର ▶▶ପୃଷ୍ଠା ୭

# ଅଖିଳ ଭାରତୀୟ ଅଘରିଆ ସମାଜର ଭୋଜପୁର ଗୁଡ଼ିସ୍ତରୀୟ ବୈଠକ

ସମ୍ବଲପୁର, ୭/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଭୋଜପୁର ଠାରେ ଅଖିଳ ଭାରତୀୟ ଅଘରିଆ ସମାଜର ଭୋଜପୁର ଗୁଡ଼ିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କମିଟିର ସାଂଗଠାନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରି ଅଘରିଆ ସମାଜ ମୁଖ୍ୟତଃ ଚାଷୀ ପରିବାର ହୋଇଥିବାରୁ ସାମାଜିକ ବନୀକରଣ ଓ ଉଦ୍ୟାନ କୃଷି ପାଇଁ ତାଲିମ କାର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି । ଗୁଡ଼ି ସଭାପତି ବିରଂଚି ନାରାୟଣ ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରମେଶ ଚନ୍ଦ୍ର ନାଏକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପର୍ଯ୍ୟବେକ୍ଷକ ଭାବରେ ବାମଣ୍ଡା ଆଂଚଳିକ ସମ୍ପାଦକ ଅଶୋକ କୁମାର ପଟେଲ ଆଗାମୀ ରାଜ୍ୟସ୍ତରୀୟ ମହା ସମ୍ମିଳନୀକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଗୁଡ଼ିର ଉପଦେଷ୍ଟା ଗୋପାଳ ଚନ୍ଦ୍ର ପଟେଲଙ୍କ ସମେତ ସମସ୍ତ ନବ ନିର୍ବାଚିତ ଗୁଡ଼ି କର୍ମକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରବୀଣ ପଟେଲ, ପ୍ରଶାନ୍ତ ପଟେଲ, ଧୀରେନ୍ଦ୍ର ନାଏକ, ଦିଲ୍ଲୀପ ନାଏକ, ସତ୍ୟ ନାରାୟନ ପଟେଲ,ପ୍ରଶାନ୍ତ କୁମାର ନାଏକ, ସିଦ୍ଧାର୍ଥ ପଟେଲ ପ୍ରମୁଖ ସଂଗଠନ ଓ ନୂତନ ସମ୍ବିଧାନ ଉପରେ ଆଲୋଚନା କରିଥିଲେ। ଶେଷରେ ଗ୍ରାମ୍ୟ କମିଟି ସଭାପତି ଅଧ୍ୟାପକ ପ୍ରଶାନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କ ସମ୍ବଲପୁରୀ ଡେରା ପରିଦର୍ଶନ: ବହୁମୁଖୀ ପ୍ରେକ୍ଷାଳୟ ପାଇଁ ସ୍ଥାନ ଚିହ୍ନଟ

ସମ୍ବଲପୁର, ୭/୨ (ନି.ପ୍ର): ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର ଜେଲ ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିଦର୍ଶନ କରି ଏହାର ବିକାଶ ପାଇଁ ଆଲୋଚନା କରିଛନ୍ତି । ସହରର ବ୍ୟସ୍ତବହୁଳ ଅଂଚଳରେ ରହିଥିବା ଏହି ସମ୍ବଲପୁରୀ ଡେରାକୁ ଯୋଜନାବଦ୍ଧ ଭାବେ ବିକଶିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ତିନି କୋଟୀ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୫୦୦ ସିଟ୍ ବିଶିଷ୍ଟ ବହୁମୁଖୀ ପ୍ରେକ୍ଷାଳୟ ପାଇଁ ଜିଲାପାଳ ସ୍ଥାନ ଚିହ୍ନଟ କରିବା ସହ ଡେରା ପରିସର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସେ କହିଥିଲେ । ସମ୍ବଲପୁରୀ ଡେରା ପରିସରରେ ବିଭିନ୍ନ ନିର୍ମାଣ ପାଇଁ ଏକ ମାଷ୍ଟର ପ୍ଲାନ ତିଆରି କରାଯିବା ପରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି କହିଥିଲେ । ସହରରେ ଖୋଲା ସ୍ଥାନର ଅଭାବ ରହିଥିବା ବେଳେ ସମ୍ବଲପୁରୀ ଡେରାରେ ଅଧିକରୁ ଅଧିକ ଖୋଲା ସ୍ଥାନ ରଖିବା ପାଇଁ ପରାମର୍ଶ ଦେଇଥିଲେ ।

# ପଣ୍ଡିତ ଗୋପବନ୍ଧୁ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୭/୨ (ନି.ପ୍ର): ପୁଣ୍ୟାତ୍ମା ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଐତିହ୍ୟକୁ ସୁରକ୍ଷିତ ରଖାଯାଇ ଏହାର ପୁନରୁଦ୍ଧାର ଓ ବିକାଶ କରିବା ଦିଗରେ ରାଜ୍ୟ ସରକାରଙ୍କ ଯୋଜନାକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଐତିହ୍ୟସମ୍ପନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ ରଖୁଥିବା ଏହି ପବିତ୍ର ସ୍ଥାନର ପୁନରୁଦ୍ଧାର ହୋଇପାରିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ ବୋଲି ସେ କହିଛନ୍ତି । ସତ୍ୟବାଦୀର ବକୁଳବନର ଉନ୍ନତିକରଣ ନେଇ ନିର୍ଦ୍ଦେଶ ଦେଇଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶାରେ ସ୍ୱତନ୍ତ୍ରତା ସଂଗ୍ରାମର ନେତୃତ୍ୱ ନେବା ସହ ଦେଶ ସ୍ୱାଧୀନତା ପାଇଁ ଯେଉଁ ଯୋଜନା ଓ ପରିକଳ୍ପନା କରିଥିଲେ, ତା'ର ପ୍ରୟୋଗଶାଳା ଥିଲା ସତ୍ୟବାଦୀ ବକୁଳବନ ବିଦ୍ୟାଳୟ । ଏହି ପବିତ୍ର ସ୍ଥାନରୁ ହିଁ ପଣ୍ଡିତ ଗୋପବନ୍ଧୁଙ୍କ କଳ୍ପନାରେ ହିଁ ନୂଆ ଜାତୀୟ ଶିକ୍ଷା ନୀତିର ଅଭ୍ୟୁଦୋୟ ହୋଇଥିଲା । ତାଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ଆଦି ମହାପୁରୁଷମାନେ ବକୁଳବନରେ ଛାତ୍ରଛାତ୍ରୀଙ୍କୁ ମୌଳିକ ଶିକ୍ଷା ସହ ରୋଜଗାର ଦେବା ଭଳି ଶିକ୍ଷା ପ୍ରଦାନ କରୁଥିଲେ । ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ନିଦର୍ଶନ ବହନ କରୁଥିବା ଏହି ଐତିହ୍ୟସମ୍ପନ୍ନ ଅନୁଷ୍ଠାନର ମହତ୍ୱକୁ ଦୃଷ୍ଟିରେ ରଖି ଗୁଜୁରାଟର ବଡନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଠ ପଢିଥିବା 'ପ୍ରେରଣା ସ୍କୁଲ'ର ଢାଞ୍ଚା ଅନୁସାରେ ବକୁଳ ବନ ବିଦ୍ୟାଳୟର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ପ୍ରଧାନମନ୍ତ୍ରୀ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ପ୍ରେରଣା ବିଦ୍ୟାଳୟ ଆଜି ଯେପରି ଶିକ୍ଷା ଓ ମୂଲ୍ୟବୋଧର ଏକ ଅନନ୍ୟ କେନ୍ଦ୍ରରେ ପରିଣତ ହୋଇଛି, ସେପରି ଭାବେ ଏହି ବକୁଳବନ ବିଦ୍ୟାଳୟର ନବୀକରଣ ହେଲେ ଆମର ବରପୁତ୍ର ଓ ମହାପୁରୁଷମାନେ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ । ପ୍ରାଚୀନ ଭାରତରେ ଗୁରୁକୁଳ ପରମ୍ପରାକୁ ପୁର୍ନଜୀବିତ କରିବାର ପ୍ରୟାସ ଏହି ବକୁଳବନରୁ ଆରମ୍ଭ ହୋଇଥିଲା । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ଏହି ମଣିଷ ତିଆରି କାରଖାନାର ପୁନରୁଦ୍ଧାର ହେଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶ ଓ କଳ୍ପନାରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନରେ ଏକ ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।
ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେତେବେଳେ ପ୍ରଥମ ଥର ପାଇଁ ଶିକ୍ଷା ମନ୍ତ୍ରଣାଳୟ ଭାବେ ଦାୟିତ୍ୱ ନେଲେ, ସେତେବେଳେ ପ୍ରଥମ ଓଡ଼ିଶା ଗସ୍ତରେ ସେ ବକୁଳବନକୁ ଗସ୍ତ କରି ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହାର ଐତିହାସିକ ଦିଗ ଉପରେ ଆଲୋକପାତ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଶୁଭାରମ୍ଭ: ମତ୍ସ୍ୟ ପ୍ରାଣୀ ସମ୍ପଦର ଅଭିବୃଦ୍ଧି, ରାଜ୍ୟର ଚାଷୀଙ୍କ ସମୃଦ୍ଧି

ସୁବର୍ଣ୍ଣପୁର, ୭/୨ (ନି.ପ୍ର): ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତଥା ଜିଲ୍ଲାପ୍ରଶାସନ ସୁବର୍ଣପୁର ତରଫରୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପାଣିସମ୍ପଦ ମେଳା ସ୍ଥାନୀୟ ରୋୟାଲ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବିଧାୟକ ବୀରମହାରାଜପୁର ରଘୁନାଥ ଜଗଦଲା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଉପ ଜିଲ୍ଲାପାଳ ଡ଼ଃ. ସୌମ୍ୟାରୂପା ରଥ, ସି ଡି ଭି ଓ ପରମେଶ୍ୱର ସେଠୀ, ନିର୍ଦ୍ଦେଶକ ଗୋ ପ୍ରାଣୀ ସମ୍ପଦ ପ୍ରଜନନ କେନ୍ଦ୍ର ଚିପିଲିମା ସାରଦା ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦାନ କରି ମତ୍ସ୍ୟ ପ୍ରାଣୀସମ୍ପଦର ଅଭିବୃଦ୍ଧିରେ ଜିଲ୍ଲାର ଚାଷୀ ସମୃଦ୍ଧି ଓ ସ୍ୱାବଲମ୍ବୀ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି । ଚାଷୀ ଭାଇ ମାନେ ପାରମ୍ପରିକ ଚାଷ ତୁଳନାରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷ ଅଧିକ ଅର୍ଥ ଲାଭକାରୀ ହେତୁ ଜିଲ୍ଲାର ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଏହାର ଲାଭ ଉଠାଇବାକୁ ପରାମର୍ଶ ଦେଇଛନ୍ତି । ମେଳାରେ ମତ୍ସ୍ୟ, ପାଣିସମ୍ପଦ ବିଭାଗ ସହ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହେବା ସାଙ୍ଗକୁ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ସମ୍ପଦର ପ୍ରଦର୍ଶନ କରାଯାଇଛି । କାର୍ଯ୍ୟକ୍ରମ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ମତ୍ସ୍ୟ ଓ ପାଣିସମ୍ପଦ ବିକାଶରେ ସଫଳ ଚାଷୀ, ଉଦ୍ୟୋଗୀଙ୍କୁ ସେମାନଙ୍କ ସଫଳତା ନିମନ୍ତେ ଅତିଥି ବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ । ପୁନଶ୍ଚ ପ୍ରାଣୀ ପାଳନ ଓ ମତ୍ସ୍ୟଚାଷୀଙ୍କ ସଫଳ କାହାଣୀ ସହିତ ମତ୍ସ୍ୟ ଓ ପ୍ରାଣୀ ପାଳନ ବିକାଶ ବିଭାଗର ବିଭିନ୍ନ ଯୋଜନା, ନୂତନ ଜ୍ଞାନ କୌଶଳର ବ୍ୟବହାର ର ସଫଳ କାର୍ଯ୍ୟକାରିତା ନିମନ୍ତେ ବିଶେଷଜ୍ଞମାନେ ଉପସ୍ଥିତ ଚାଷୀଙ୍କୁ ଉପଯୋଗୀ ପରାମର୍ଶ ପ୍ରଦାନ କରି ଚାଷୀଙ୍କ ସହ ଭାବବିନିମୟ କରିଥିଲେ କ୍ଷ ଆଜିର ଏହି କାର୍ଯ୍ୟକ୍ରମକୁ ବିଭାଗର ମମତା ପଣ୍ଡା ସଂଯୋଜନା କରିଥିବା ବେଳେ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ସଫଳ ଚାଷୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଭୀମଭୋଇ କଳାପରିଷଦର କଳାକାର ମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଗଛରେ ପିଟିହୋଇ ବାଇକ ଚାଳକ ମୃତ

ଭୁବନ, ୭/୨ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ଭୁଷଲ ଉପର ସାହିର ଏକାଦଶୀ ନାୟକଙ୍କ ପୁତ୍ର କିର୍ତ୍ତନ ନାୟକ(୩୩) ଭାରସାମ୍ୟ ହରାଇ ଗଛରେ ପିଟିହୋଇ ମୃତ୍ୟୁ ବରଣ କରିଛନ୍ତି। କିର୍ତ୍ତନ ନାୟକ ଭୁବନ ବଜାରରୁ କାମସାରି ବାଇକ୍ ଯୋଗେ ଘରକୁ ଫେରିବା ସମୟରେ ଭୁଷଲ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଛିଟିକି ପଡ଼ିଥିଲେ । ଫଳରେ କିର୍ତ୍ତନ ଙ୍କ ଛାତିରେ ଗଭୀର ଆଘାତ ହୋଇଥିବା ବେଳେ ପାଟିରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

## ମା' ଜଗତଜନନୀଙ୍କ ଖୋଲିଲା ହୁଣ୍ଡି,୧୨ ଲକ୍ଷ ୮୨ ହଜାର ୮୭୦ ଟଙ୍କା ଆଦାୟ

ଜୟପୁର, ୭/୨ (ନି.ପ୍ର): ମା' ଜଗତଜନନୀଙ୍କ ହୁଣ୍ଡି ଖୋଲାଯାଇଛି। ଜୟପୁରର ପ୍ରସିଦ୍ଧ ମା ଜଗତଜନନୀ ଙ୍କ ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି କରାଯାଇଛି । ଆଜି ଦିନ ୧୦ଟା୩୦ ମିନିଟରେ ଗଣତି ଆରମ୍ଭ କରାଯାଇ ସନ୍ଧ୍ୟା ୬ ଟା ଯାଏ ଗଣତି କରାଯାଇଛି । ମନ୍ଦିର କମିଟିର ୨୦ ଜଣ ସଦସ୍ୟ ଉପସ୍ଥିତ ରହି ଗଣତି କରିଥିଲେ । ପ୍ରଥମେ ମାଙ୍କ ଆଜ୍ଞାମାଳ ନେଇ ହୁଣ୍ଡି ଖୋଲାଯାଇଥିଲା । ହୁଣ୍ଡିରୁ ୧୨ ଲକ୍ଷ ୮୨ ହଜାର ୮୭୦ ଟଙ୍କା, କିଛି ସୁନା ରୁପା ବାହାରିଛି । ଏହି ଗଣତି ସମୟରେ ମାଧବ ମହାଙ୍କୁଡ, ରମା ରାଓ, ମାଧବ ରଥ, ଲକ୍ଷ୍ମୀ କାନ୍ତ ପଟ୍ଟନାୟକ, ଶିବ ପଟ୍ଟନାୟକ, ପୁଜକ ବଲ୍ଲଭ ନାରାୟଣ ଖାଡଙ୍ଗା, ବିଜୟ ଖାଡାଙ୍ଗା , ରବି କର, ତପନ କୁମାର ମିଶ୍ର , ବିଶ୍ୱଜିତ ଦଣ୍ଡସେନା, ଲକ୍ଷ୍ମଣ ଜାନି ପ୍ରମୁଖ ଗଣତି ରେ ଉପସ୍ଥିତ ଥିଲେ ।

# ଜାତୀୟ ସୁରକ୍ଷା ମହାବିଦ୍ୟାଳୟ ପ୍ରତିନିଧିଙ୍କ ପୁରୀ ଗସ୍ତ

ପୁରୀ, ୭/୨ (ନି.ପ୍ର): ନ୍ୟାସନାଲ ଡିଫେନ୍ସ କଲେଜ (ଏନ ଡି ସି) ବା ଜାତୀୟ ସୁରକ୍ଷା ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରତିନିଧି ଦଳ ମେଜର ଜେନେରାଲ ମୁକେଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆଜି ପୁରୀ ଗସ୍ତରେ ଆସି ବିଭିନ୍ନ ଅଂଚଳ ପରିଦର୍ଶନ ସହ ଜିଲ୍ଲା ପ୍ରଶାସନ ସହ ଭାବ ବିନିମୟ କରିଛନ୍ତି।ଏହି ଅବସରରେ ସର୍କିଟ ହାଉସ ଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିବିଧ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ଯେଉଁଥିରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଛି ସେ ସମ୍ପର୍କରେ ସେ ଅବଗତ କରାଇଥିଲେ। ସେହିପରି ପି ଏମ ବିଶ୍ୱକର୍ମା ଯୋଜନା, ପି ଏମ ଉଜ୍ଜ୍ୱଳା ଯୋଜନା, ପି ଏମ ମୁଦ୍ରାଯୋଜନା, ପି ଏମ ମତ୍ସ୍ୟ ସମ୍ପଦ ଯୋଜନା, ପି ଏମ ଆବାସ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଡ୍ରିଙ୍କ ଫ୍ରମ ଟ୍ୟାପ ବ୍ୟବସ୍ଥା, ପର୍ଯ୍ୟଟନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମିଶନ ଶକ୍ତି, ଚିଲିକା ଉନ୍ନୟନ, ମୃତିକା ସଂରକ୍ଷଣ, କୃଷି, ପଶୁ ସମ୍ପଦ ବିଭାଗ, ବ୍ଲୁ ଫ୍ଲାଗ ବିଚ, ଉଦ୍ୟାନ ବିଭାଗ ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳ ବିଷଦ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ଯୋଜନା ସମ୍ପର୍କରେ ସଦସ୍ୟ ମାନଙ୍କ ଜିଜ୍ଞାସାକୁ ମଧ୍ୟ ଜିଲ୍ଲାପାଳ ସମାଧାନ କରିଥିଲେ। ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରିବା ସହ ଏନ ଡି ସି ଟିମ ପକ୍ଷରୁ ଜିଲ୍ଲାପାଳଙ୍କୁ ଓ ଉପସ୍ଥିତ ଏସପି ବିନୀତ ଅଗ୍ରୱାଲଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏହି ଟିମ ବାଙ୍ଗର ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରିବା ପରେ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ।
ଏହି ଟିମ ପୂର୍ବାହ୍ନରେ ଭୁବନେଶ୍ୱରରୁ ବାହାରି ପ୍ରଥମେ ଐତିହ୍ୟ ଗ୍ରାମ ରଘୁରାଜପୁର ଠାରେ ପହଂଚି ଥିଲେ। ସେଠାରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ତାଙ୍କୁ ସ୍ୱାଗତ କରିଥିଲେ। ଐତିହ୍ୟ ଗ୍ରାମର କଳା କୃତି ଦେଖି ଏନ ଡି ସିର ପ୍ରତିନିଧିମାନେ ଆନନ୍ଦ ପ୍ରକାଶ କରିବା ସହ ଶିଳ୍ପୀ ମାନଙ୍କ ସହ ବାର୍ତାଳାପ କରିଥିଲେ। କଂଚା ମାଲ୍ ସଂଗ୍ରହ, ଉପକରଣର ପ୍ରସ୍ତୁତି ପ୍ରଣାଳୀ, ଉପଯୋଗ, ବିପଣୀ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସେମାନେ ପଚାରି ବୁଝିଥିଲେ। ପରେ ଶ୍ରୀମନ୍ଦିର ପରିଦର୍ଶନ କରି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ। ତାଳବଣିଆ ଶ୍ରୀକ୍ଷେତ୍ର କଲୋନୀ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ର ପରିଚାଳନା ସମ୍ପର୍କରେ ଆଲୋଚନା କରିବା ସହ ପିଲା ମାନଙ୍କ ସହ ଖୁସି ବ୍ୟକ୍ତ କରିଥିଲେ। ଅଙ୍ଗନବାଡି କେନ୍ଦ୍ରର ଭିତିଭୂମି, ଦୈନନ୍ଦିନ ବ୍ୟବସ୍ଥା, ପିଲା ମାନଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦି ସମ୍ବନ୍ଧରେ ସେମାନେ ପଚାରି ବୁଝିଥିଲେ।
ଟିମରେ ବାଂଲାଦେଶ, ଭୁଟାନ, ବ୍ରାଜିଲ, ସାଉଥ ଆଫ୍ରିକା ପରି ବନ୍ଧୁ ରାଷ୍ଟ୍ର ର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ସଦସ୍ୟ ବ୍ରିଗେଡିୟର ଅମ୍ରିତ ସାନ୍ଧୁ, ଏୟାର କମୋଡର ଶିବେନ୍ଦ୍ର ଚନ୍ଦ୍ର, କଲୋନେଲ ମୋହନ ଚନ୍ଦ୍ର ଗୁରୁଙ୍ଗ, କ୍ୟାପଟେନ ଏସ ଏ ଏନ ଜାମୋକୱାଖେ ଖ୍ରୀଷ୍ଟୋପର ଖୁମାଲୋ, କମୋଡର ବିକାଶ ଚାୱଲା,ବ୍ରିଗେଡିୟର ଆଶିଷ ଜୋହର, କମୋଡର ସେଖ ଜସିମୁଜାମନ, ଏୟାର କମୋଡର ବି ଏସ ବିଜୟ ରାଓ, ବ୍ରିଗେଡିୟର ସୌରଭ ଭଟ୍ଟନାଗର, କଲୋନେଲ ଥିନଲେ ଡୋର୍ଜି, ବ୍ରିଗେଡିୟର ରଞ୍ଜୁ କୁରେନ୍ସ, ମିସ ସୌମ୍ୟା ସି, ବ୍ରିଗେଡିୟର ଏସ ଏନ ଏସ ଚୌହାନ, ସିଏମଜି ଆଣ୍ଡ୍ରେ ଟେଇଜେରିଆ ବୋର୍ଜସ୍ ଓ ପ୍ରଣୟ କୁମାର ସୋନି ଏହି ଦଳରେ ସାମିଲ ହୋଇଛନ୍ତି। ଟୁର କୋର୍ଡିନେଟର ଭାବେ ଆଶିଷ ଚୌଧୁରୀ ସହଯୋଗ କରିଥିଲେ।ଆଲୋଚନା ବୈଠକରେ ଡିଏଫଓ ବିବେକ କୁମାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# କବି ସତ୍ୟନାରାୟଣ ବହିଦାର ଉଦ୍ୟାନ ନିକଟରେ ପ୍ରସ୍ତାବିତ ନାଟ୍ୟପଯୋଗୀ ପ୍ରେକ୍ଷାଳୟ ନିର୍ମାଣ ଦାବି

ସମ୍ବଲପୁର, ୭/୨ (ନି.ପ୍ର): କେବଳ ପଶ୍ଚିମ ଓଡିଶା ନୁହେଁ ଓଡିଶା ପ୍ରଦେଶରେ ସମ୍ବଲପୁର ସହରର କଳାକାର ପ୍ରତିଭାଙ୍କର ଭିନ୍ନ ଏକ ପରିଚୟ ରହିଛି । ନାଟକ କ୍ଷେତ୍ରରେ ସାରା ଭାରତ ବର୍ଷରେ ବିଭିନ୍ନ ସ୍ଥାନରେ ନାଟକ ମଂଚସ୍ଥ କରି ସମ୍ବଲପୁରର ନାଟ୍ୟ ଅନୁଷ୍ଠାନ ମାନେ ପୁରସ୍କାର ଓ ସମ୍ମାନ ପାଇ ଆସିଥିବା ବେଳେ, ଲୋକ ନୃତ୍ୟ ଓ ଲୋକ ସଂଗୀତ କ୍ଷେତ୍ରରେ ମଧ ଏହି ଅଂଚଳ ପାଇଁ ଅନେକ ସମ୍ମାନ ଆଣିପାରିଛନ୍ତି କ୍ଷ କେବଳ ସେତିକି ନୁହେଁ ବିଦେଶ ମାଟିରେ ମଧ ମଂଚକଳା ପ୍ରଦର୍ଶନ କରି ଅଂଚଳ ପାଇଁ ଗୌରବ ଆଣିଛନ୍ତି କ୍ଷ ହେଲେ ଦୁର୍ଭାଗ୍ୟର ବିଷୟ ଏହି ଯେ, ଆଜିଯାଏ ଦୀର୍ଘ ୪୦ ବର୍ଷ ହେଲା ନାଟ୍ୟକର୍ମୀ ତଥା କଳାକାର ମାନେ ଏକ ମଂଚପଯୋଗୀ ପ୍ରେକ୍ଷାଳୟଟିଏ ପାଇଁ ସରକାର ତଥା ପ୍ରଶାସନ ପାଖରେ ଦାବୀ ଜଣାଇ ଆସୁଥିଲେ ମଧ ଆଜିଯାଏ ସମ୍ଭବ ହୋଇପାରିନାହିଁ। ଅନ୍ୟ ରାଜ୍ୟ ମାନଙ୍କରେ ଛୋଟ ଛୋଟ ସହର ମାନଙ୍କରେ କଳାକାରଙ୍କର କଳା ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟ ଗୁଡିକ ପ୍ରତିଷ୍ଠା ହୋଇଥିବା ବେଳେ ପଶ୍ଚିମ ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ସମ୍ବଲପୁର ମହାନଗରରେ ଏହି ପ୍ରେକ୍ଷାଳୟ ପ୍ରତିଷ୍ଠା କାହିଁକି ନୁହେଁ ବୋଲି ନାଟନାଟୁଆ ର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ଓ ଯୁଗ୍ମ ସଂଯୋଜକ ବିରୁପାକ୍ଷ ପ୍ରଧାନ, ଅତିଶ ଶତପଥି କ୍ଷୋଭ ପ୍ରକାଶ କରିଛନ୍ତି । ନାଟନାଟୁଆ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି ଯେ, ଜେଲ ଛକ ପାଖରେ କମିଶନର୍ସ କଲୋନୀ କଡରେ ତଥା କବି ସତ୍ୟନାରାୟଣ ବହିଦାର ଉଦ୍ୟାନ ପାଖରେ ଜମି ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ, ଦୀର୍ଘ ଦିନ ହେଲା ସେହି ତିନି ଏକର ପରିମିତ ଜମିରେ ଏକ ମଂଚପଯୋଗୀ ପ୍ରେକ୍ଷାଳୟ ନିର୍ମାଣ ସାଥିରେ ଏକ ମୁକ୍ତ ମଂଚ ନିର୍ମାଣ ପାଇଁ ପ୍ରସ୍ତାବିତ ଫଳକ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାଯାଇଥିବା ବେଳେ ଆଜିଯାଏ କିଛି ହୋଇପାରୁନାହିଁ । ତେଣୁ ନାଟନାଟୁଆ ପକ୍ଷରୁ ଜିଲ୍ଲା ପ୍ରଶାସନ ତଥା ସରକାରଙ୍କ ପାଖରେ ଦାବୀ ଜଣାଇଛନ୍ତି ଯେ, ଏହି ପ୍ରସ୍ତାବିତ ଜମିରେ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଉ ଯଦ୍ୱାରା ନାଟ୍ୟକର୍ମୀ ତଥା କଳାକାର ମାନେ ନିୟମିତ ଭାବରେ ଅନାୟାସରେ ସମ୍ବଲପୁର ସହରରେ କଳା ପ୍ରଦର୍ଶନ କରିପାରିବେ। ଯଦ୍ୱାରା କଳାକାର ମାନେ ନାଟକ ଓ ନୃତ୍ୟ ସଂଗୀତ ପ୍ରଦର୍ଶନ ପାଇଁ ଆଉ ଏଣେତେଣେ ଯିବାକୁ ପଡିବ ନାହିଁ ।

# ବ୍ରାହ୍ମଣୀ ନଦୀ ବନ୍ଧ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଧର୍ମଶାଳା, ୭/୨ (ନି.ପ୍ର): ସରକାର ଦୁର୍ବଳ ନଦୀ ବନ୍ଧର ସୁଦୃଢ଼ୀକରଣ ନିମନ୍ତେ ଅର୍ଥ ବ୍ୟୟ ବରାଦ କରୁଛନ୍ତି । ଯାହାକା ନଦୀ କୂଳିଆ ଲୋକେ ବନ୍ୟା ଦାଉରୁ ରକ୍ଷା ପାଇବା ସହ ଅନେକ ଧନ ଜୀବନ ସୁରକ୍ଷିତ ରହିବ । ତେବେ ନଦୀ ବନ୍ଧ ମରାମତି ଓ ସୁଦୃଢ଼ୀକରଣରେ ଆରମ୍ଭରୁ ଅନୀୟମିତା ହୋଉଥିବା ଅଭିଯୋଗ ହୋଇଛି । କାମ ଆରମ୍ଭରୁ କେଁ । କୋଟି କୋଟି ଟଙ୍କାର କମା ବିନା ସୂଚନା ଫଳକରେ କାର୍ଯ୍ୟ କରାଯାଉଥିବା ସହ ନଦୀ ବନ୍ଧ ଉପରିଭାଜଗକୁ କାଟି ସେଥିରୁ ବାହାରୁ ଥିବା ମେଂଟାଲ ଗୁଡିକୁ ଅନ୍ୟତ୍ର ବିକ୍ରୀ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏଭଳି କାମ କରାଯାଉଥିବା ନଦୀ କୂଳିଆ ଲୋକେ ଅଭିଯୋଗ କରି କାମ ବନ୍ଦ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସେଚନ ବିଭାଜନ ଅଧିନରେ ଥିବା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ କୋଠିଡିହ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀ ବନ୍ଧ କ୍ଷେତ୍ରରେ । ଅଭିଯୋଗ ମୁତାବକ,ଜାରକା ଜଳସେଚନ ବିଭାଜନ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧର ସୁଦୃଢ଼ୀକରଣ କାମ କରାଯାଉଛି । ଏହି କାର୍ଯ୍ୟ ରସୁଲପୁର ବ୍ଲକ ଅଧିନ ମହେଶ୍ୱରପୁର ସୀମା ଆରମ୍ଭରୁ ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ବାସୁଦେବପୁର ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ବନ୍ଧର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ ନିମନ୍ତେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟଦେଶର ସୂଚନା ଫଳକରେ ଉଦ୍ଦିଷ୍ଟ ରହିବା ନିୟମ ରହିଛି । ହେଲେ ବିନା ସୂଚନା ଫଳକରେ କାମ ଆରମ୍ଭରୁ ନିମ୍ନମାନର କାମ କରାଯାଉଛି । ଏପରିକି ମେସିନ ଲଗାଇ ନଦୀ ବନ୍ଧର ଉପରିଭାଗକୁ କାଟି ଦିଆ ଯାଉଛି। ଫଳରେ ନଦୀ ବନ୍ଧ ଛୋଟ ହେଉଛି । ପୁରୁଣା ବନ୍ଧରେ ପଡିଥିବା ମେଂଟାଲ ଓ ମାଟିକୁ ବନ୍ଧ କଡରେ ନ ପକାଇ ଏହାକୁ ଅନ୍ୟତ୍ର ବିକ୍ରୀ କରାଯାଉଛି । ଏପରିକି ବିଭାଗୀୟ ଅଧିକାରୀ ଅନୁଉପସ୍ଥିତିରେ ଏହି କାର୍ଯ୍ୟ କରାଯାଉଥିବା ବେଳେ ଏହାକୁ ଅଂଚଳବାସୀ ଘୋର ବିରୋଧ କରି କାମ ବନ୍ଧ କରିଛନ୍ତି । ନିୟମ ଅନୁଯାୟୀ କାମ କରିବା,ମେଂଟାଲ ଗାଡିକୁ ଅନ୍ୟତ୍ର ବିକ୍ରୀ ନ କରିବା,ସୂଚନା ଫଳକ ଲଗାଇବା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନେଇ ଲୋକେ ଦାବି କରିଛନ୍ତି । ନଦୀ ବନ୍ଧର ଉପରି ଭାଗ ଯେଉଁ ସ୍ଥାନରେ ଦୁର୍ବଳ ରହିଛି,ସେହି ସ୍ଥାନମାନଙ୍କରେ ଖୋଳା ଯାଇ ସେଥିରେ ଡ୍ରଷ୍ଟ ପକା ଯାଉଛି ବୋଲି ଠିକାଦାରଙ୍କ ପକ୍ଷରୁ କହାଯାଇଛି ।

# ମା' ବୀଣାପାଣି କ୍ଲବ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର କୁଞ୍ଚା ଗଡ଼ିଆ ଛକ ନିକଟରେ ମା ବୀଣାପାଣି କ୍ଲବ୍ ପକ୍ଷରୁ ସରସ୍ୱତୀ ପୂଜା ଅବସରରେ ନୃତ୍ୟ ସଙ୍ଗୀତ ଓ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସମାଜସେବୀ ମନୋଜ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜସେବୀ ପ୍ରତାପ ସେନାପତି, ଅମରେନ୍ଦ୍ର ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଆଲୋକ ରଞ୍ଜନ ପଣ୍ଡା, କ୍ଲବ୍ ସଭାପତି ଉମାକାନ୍ତ ଗିରି, ସମ୍ପାଦକ ହୃଷୀକେଶ ଜେନା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ରଖିଥିଲେ। ଶିକ୍ଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଭାଇ ଚାରା ସଂପର୍କରେ ଅତିଥି ମାନେ ଖୁବ୍ ସୁନ୍ଦର ଓ ମନଛୁଆଁ ଅଭି ଭାଷଣ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ବୀଣାପାଣି କ୍ଲବ୍ ର ସହ ପରିଚାଳକ ଅନନ୍ତ ଜେନା, ସଦସ୍ୟ ସୁଶୀଲ କୁମାର ଭାରତୀ, କ୍ଷୀରୋଦ ଗିରି, ଆଶିଷ ପୁରି, ଚିନ୍ମୟ ମହାନ୍ତି, କୈଳାସ ଦାସ, ଗୌତମ ମହନି,ଅଭୟ ଆରଣ, ସତ୍ୟଜିତ ପାତ୍ର୍ୱୀ, ମନୋରଞ୍ଜନ ଗିରି, ଆଶିଷ ଗିରି, ହିମାଂଶୁ ଗିରି, ରାଜେନ୍ଦ୍ର ମଣ୍ଡଳ, ଦୟାନିଧି ଗିରି, ପ୍ରଭାତ ମହାନ୍ତି,ଗଜେନ୍ଦ୍ର ଗିରି, ରାକେଶ ମହାନ୍ତି, ଗୌତମ ଗିରି ପ୍ରମୁଖ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇ ଥିଲା।

# କେନ୍ଦୁଝର : ସୁକୁରୁମୁନିଙ୍କୁ ମିଳିଲା ନୂଆ ଆଶ୍ରୟ

କେଉଁଝର, ୭/୨ (ନି.ପ୍ର): ନିଜ ଅସ୍ୱାଭାବିକ କମ ଉଚ୍ଚତା ଯୋଗୁଁ କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଂଚଳ ୧୩ ନମ୍ବର ୱାର୍ଡ ମନ୍ଦିର ହଟିଙ୍ଗର ସ୍ୱର୍ଗତ ଗୌରାଙ୍ଗ ସିଂ ମୁଣ୍ଡା ଓ ସ୍ୱର୍ଗତାଃ ଯାନ ମୁଣ୍ଡାଙ୍କ ୩୫ ବର୍ଷୀୟା ଝିଅ ସୁକୁରୁମୁନି ମୁଣ୍ଡା ସମ୍ମୁଖୀନ ହେଉଥିବା ଅସୁବିଧାରେ ଆଜି ଯବନିକା ପଡିଛି । ବାପା ମା ଛେଉଣ୍ଡ ସୁକୁରୁମୁନି ନିଜ ବୟସ ତୁଳନାରେ ମାତ୍ର ଦୁଇ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ନିଜ ଦୈନନ୍ଦିନ କାର୍ଯ୍ୟ କରିବାକୁ ମଧ ସକ୍ଷମ ହୋଇପାରୁନଥିଲେ । ନିଜ ମାମୁଁ ପୁଅ ଭାଇଙ୍କ ପାଖରେ ଦୀର୍ଘ ବର୍ଷ ରହିବା ପରେ କୌଣସି ସୁବିଧା ଆଶା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ କରିଥିଲେ । ଏନେଇ ଜିଲ୍ଲା ପ୍ରଶାସନ ଅବଗତ ହେଲା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୁକୁରୁମୁନିଙ୍କୁ ବଣିଆପାଟ ସ୍ଥିତ ଶକ୍ତି ସଦନ-୨ ଠାରେ ଗତକାଲି ବୁଧବାର ୦୫ ତାରିଖ ଦିନ ଉପଯୁକ୍ତ ଭାବରେ ଥଇଥାନ କରାଯାଇଛି ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ

ବଲାଙ୍ଗିର, ୭/୨ (ନି.ପ୍ର): ଆଜି ଜିଲ୍ଲାରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବରିଷ୍ଠ ନାଗରିକ ମାନେ ତୀର୍ଥ ଯାତ୍ରାରେ ବାହାରିଛନ୍ତି । ସ୍ଥାନୀୟ ପର୍ଯ୍ୟଟନ ଅଫିସରେ ମଧ୍ୟାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନ ଦେବାସହ ସମସ୍ତ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲ । ଏହାପରେ ସେମାନେ ବସ ଯୋଗେ ସମ୍ବଲପୁର ଅଭିମୁଖେ ବାହାରିଛନ୍ତି । ଜିଲ୍ଲାପାଳ ଶ୍ରୀ ଗୌରଵ ଶୀଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡ଼। ବିଜୟାନନ୍ଦ ସେଠୀ ସବୁଜ ପତାକା ଦେଖେଇ ଏହି ଯାତ୍ରା ଆରମ୍ଭ କରେଇଥିଲେ । ସେମାନେ ସ୍ୱତନ୍ତ୍ର ଟ୍ରେନରେ ସମ୍ବଲପୁର ରୁ ଯାତ୍ରା ଆରମ୍ଭ କରିବେ । ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୦୬ ତାରିଖ ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରୀ ମାନେ ତୀର୍ଥ ଭ୍ରମଣ କରିବେ । ୫ ଦିନ ର ଏହି ଯାତ୍ରାରେ ଏହି ଯାତ୍ରୀ ମାନେ କୋଲକାତା ଏବଂ କାମାକ୍ଷା ଦେବୀ ମନ୍ଦିର ବୁଲିବେ ।

# ସୁଆଦିଆ ଗୁପଚୁପରେ ହାନିକାରକ ରଙ୍ଗ: ହୋଇପାରେ କ୍ୟାନସର



ପାଟିକୁ ସୁଆଦିଆ, ଖାଇବାକୁ ଚଟପଟି। ଛୋଟରୁ ବଡ଼, ମୁଖ୍ୟତଃ ଯୁବତୀମାନଙ୍କର ଏହା ପ୍ରଥମ ପସନ୍ଦ। ଭିନ୍ନ ରାଜ୍ୟରେ ଏହାର ନାଁ ଭିନ୍ନ କିନ୍ତୁ ସ୍ୱାଦ ମନଲୋଭା। ଏହାର ଚଟପଟା ସ୍ୱାଦର ଦିୱାନା ସମସ୍ତେ । ମସଲା ଆଉ ଖଟା ପାଣିର ଅଦ୍ଭୁତ୍ ମିଶ୍ରଣ ହେଉଛି ଗୁପଚୁପ୍ ।

ହେଲେ ଏହି ଗୁପଚୁପ୍ ଅବା ଓଡ଼ିଶା ବାହାରେ ପାନିପୁରୀ କୁହାଯାଉଥିବା ଏହି ଖାଦ୍ୟକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ଏହାକୁ ବେଶି ଖାଇବା ଦ୍ୱାରା କ୍ୟାନ୍ସର ବି ହୋଇପାରେ ବୋଲି ବିଶେଷଜ୍ଞ ଚେତାଇ ଦେଇଛନ୍ତି ।

କର୍ଣ୍ଣାଟକରୁ ଜାତୀୟ ଗଣମାଧ୍ୟମରେ ଏଭଳି ତଥ୍ୟ ଆସିବା ପରେ ବଢ଼ିଛି ଲୋକଙ୍କ ଟେନସନ୍। କର୍ଣ୍ଣାଟକାର ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରୁ ୨୬୦ଟି ନମୁନାକୁ ପରୀକ୍ଷା କରାଯାଇଥିଲା। ଯେଉଁଥିରୁ ୪୧ଟି ନମୁନାରେ କ୍ୟାନସର ଲକ୍ଷଣ ଥିବା କହିଛି କର୍ଣ୍ଣାଟକ ଖାଦ୍ୟ ଓ ନିରାପତ୍ତା ବିଭାଗ। ତାସହ ୧୮ଟି ନମୁନାକୁ ଅତି ନିମ୍ନମାନର ବୋଲି କୁହାଯାଇଥିଲା। ମୁଖ୍ୟତଃ ଗୁପଚୁପ୍ ପାଣି ତଥା ସସ୍‌ରେ ବ୍ୟବହୃତ ହେଉଥିବା କୃତ୍ରିମ ରଙ୍ଗ ଏଥିପାଇଁ ଦାୟୀ । କର୍ଣ୍ଣାଟକାର ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଏହି ସାଂଘାତିକ ତଥ୍ୟ ସାମନାକୁ ଆସିଛି। ଅଧିକ ଖାଇବା ଦ୍ୱାରା ଏହା କ୍ୟାନସର ପରି ମାରାତ୍ମକ ରୋଗକୁ ଡକରା ଦେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।

କୋବି ମାଞ୍ଚୁରିଆନ, କବାବରୁ କ୍ୟାନସର ସୃଷ୍ଟିକାରୀ ଜୀବାଣୁ ଠାବ ହେବା ପରେ ଏବେ ଗୁପଚୁପ୍‌ରୁ ବି ଏହା ଠାବ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଗୁପଚୁପ୍ ପ୍ରେମୀଙ୍କ ମନ ଖଟା ହୋଇ ଯାଇଛି। କେବଳ ସେତିକି ନୁହେଁ,ଖୁବ୍‌ଶୀଘ୍ର କର୍ଣ୍ଣାଟକା ସରକାର ଗୁପଚୁପ୍‌କୁ ବ୍ୟାନ୍ କରି ପାରନ୍ତି ବୋଲି ବି ଚର୍ଚ୍ଚା ହେଉଛି।

# ଲକ୍ଷ୍ମୀଛଡ଼ା ଦୋଷ କ'ଣ ? କେଉଁ ଦୋଷ କାରଣରୁ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ?

ଲକ୍ଷ୍ମୀଛଡ଼ା ଶବ୍ଦଟି ସହିତ ଆମେ ପ୍ରାୟ ସମସ୍ତେ ପରିଚିତ। ବେଳେ ବେଳେ ଆମେ ଖାଦ୍ୟ ସଂପୂର୍ଣ୍ଣ ନଖାଇ ଫୋପାଡ଼ି ଦେଲେ କେହି କେହି ଲକ୍ଷ୍ମୀଛଡ଼ା ବୋଲି କହିଥା'ନ୍ତି। ତେବେ କେବଳ ଖାଦ୍ୟ ଫୋପାଡ଼ିଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗେ ନାହିଁ। ଲକ୍ଷ୍ମୀଛଡ଼ା ଦୋଷ ଲାଗିବା ପଛରେ ଆହୁରି ଅନେକ କାରଣ ରହିଛି। ଲକ୍ଷ୍ମୀଛଡ଼ା ଦୋଷ ଲାଗିଲେ ଦରିଦ୍ରତା ଆସିଥାଏ। ଯେତେ ଆୟ କଲେ ମଧ୍ୟ ନିଅଣ୍ଟ ପଡ଼େ। ତା'ହେଲେ ଆସନ୍ତୁ ଜାଣିବା କେଉଁ କେଉଁ କାରଣରୁ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ। ସେ ସଂପର୍କରେ ବାସ୍ତୁବିଦ୍ ଡକ୍ଟର ମନୋଜ ଲେଙ୍କା କ'ଣ କହିଛନ୍ତି, ପଢ଼ନ୍ତୁ-



♦ ସ୍ତ୍ରୀ, ମାଆ, ଝିଅ ବା କୌଣସି ନାରୀଙ୍କୁ ଅପମାନିତ କରିବା, କଷ୍ଟ ଦେବା ଦ୍ୱାରା ଲକ୍ଷ୍ମୀଛଡ଼ା ଦୋଷ ହେଇଥାଏ। କାରଣ ଏମାନେ ହେଉଛନ୍ତି ମାଆ ଲକ୍ଷ୍ମୀଙ୍କ ପ୍ରତୀକ।

♦ ସକାଳୁ ଶୀଘ୍ର ନଉଠି ଡେରି ପର୍ଯ୍ୟନ୍ତ ଶୋଇ ରହିଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ। ଯେଉଁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରୁଛନ୍ତି, ସେମାନେ ସକାଳେ ଡେରି ପର୍ଯ୍ୟନ୍ତ ଶୋଇଲେ ଚଳିବ। କିନ୍ତୁ ଯେଉଁମାନେ ଶୀଘ୍ର ଶୋଇ ମଧ୍ୟ ସକାଳେ ଡେରିରେ ଉଠୁଛନ୍ତି, ସେମାନେ ଭୁଲ୍ କରୁଛନ୍ତି।

♦ ଖାଦ୍ୟ ନଷ୍ଟ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ। ଆମେ ବଳକା ଖାଦ୍ୟକୁ ନଫୋପାଡ଼ି ଗାଇଗୋରୁ, କୁକୁର ଓ ପକ୍ଷୀଙ୍କୁ ଦେଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗିବ ନାହିଁ।

♦ ଗୃହରେ ରାତିରେ ଅଇଁଠା ବାସନ ପକାଇ ରଖିଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

♦ ମହାପ୍ରସାଦ, ତୁଳସୀ, ଶଙ୍ଖ, ବିଗ୍ରହ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ପାଦରେ ସ୍ପର୍ଶ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

♦ ରୋଷେଇ ପରେ ଭଗବାନଙ୍କୁ ଖାଦ୍ୟ ଅର୍ପଣ ନକରି ସେବନ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

♦ ନିଜ ମାଆ, ବାପା ଓ ସ୍ତ୍ରୀଙ୍କୁ ହତାଦାର କରିବା ସହିତ ଘରୁ ତଡ଼ିଦେଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

♦ ଗୁରୁ, ଗୁରୁ ପତ୍ନୀ ସମ ବ୍ୟକ୍ତି ବିଶେଷଙ୍କୁ ଅପମାନିତ କଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗିଥାଏ।

# ଘରେ ତିଆରି କରନ୍ତୁ ଛତୁର ଏହି ରେସିପି

ଆବଶ୍ୟକ ସାମଗ୍ରୀ: ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ। ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଡି ଦିଅନ୍ତୁ।

ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ। ପରେ ତାକୁ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛତୁ ବରା।



# ମଲ୍ଟିଭିଟାମିନ୍‌କୁ ନେଇ ଆସିଲା ବଡ଼ ଖବର, ଜାଣନ୍ତୁ ଗବେଷଣାରୁ କ'ଣ ଜଣାପଡ଼ିଛି



ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ କେହି ଦୀର୍ଘାୟୁ ହେବେ ନାହିଁ। ବରଂ ଏହା ଶୀଘ୍ର ମୃତ୍ୟୁ ଘଟିବାର ଆଶଙ୍କାକୁ ବଢ଼ାଇ ଦେଇପାରେ। ଏକ ବଡ଼ ଗବେଷଣାରୁ ଏହା ଜଣାପଡ଼ିଛି। ଆମେରିକାର ମେରୀଲ୍ୟାଣ୍ଡ ସ୍ଥିତ ନ୍ୟାଶନାଲ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଗବେଷଣା କରାଯାଇଥିଲା। ୩ ଲକ୍ଷ ୯୦ ହଜାର ୧୨୪ ଜଣ ସୁସ୍ଥ ପ୍ରାପ୍ତ ବୟସ୍କ ଆମେରିକୀୟଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେହି ବଡ଼ଧରଣର ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ନଥିଲେ। ୨୦ରୁ ଅଧିକ ବର୍ଷ ଧରି ସେମାନଙ୍କ ଉପରେ ନଜର ରଖାଯାଇଥିଲା। ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ ମୃତ୍ୟୁ ଆଶଙ୍କା ହ୍ରାସ ପାଏ ବୋଲି ଏହି ଗବେଷଣାରୁ ଗବେଷକମାନେ କୌଣସି ପ୍ରମାଣ ପାଇ ନଥିଲେ। ଓଲଟି ପ୍ରତ୍ୟେକ ଦିନ ମଲ୍‌ଟିଭିଟାମିନ ଖାଉଥିବା ଲୋକଙ୍କ ମୃତ୍ୟୁ ଆଶଙ୍କା ୪% ଅଧିକ ଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ତେଣୁ ଗବେଷକମାନେ ଏଥିରେ ଉପନୀତ ହୋଇଥିଲେ ଯେ ଦୀର୍ଘାୟୁ ହେବାର ମଲ୍‌ଟିଭିଟାମିନ୍ ସହାୟକ ହୋଇ ନଥାଏ। ଅନ୍ୟପକ୍ଷରେ ପ୍ରତିବର୍ଷ ଏହି ମଲ୍‌ଟିଭିଟାମିନ୍‌ର ବ୍ୟବସାୟ ବଢ଼ି ଚାଲିଛି। କେବଳ ଆମେରିକାରେ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରୁ ଏକ ତୃତୀୟାଂଶ ବିଭିନ୍ନ ପ୍ରକାର ମଲ୍‌ଟିଭିଟାମିନ୍‌ର ବ୍ୟବହାର କରନ୍ତି। ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ସେମାନେ ମଲ୍‌ଟିଭିଟାମିନ ସେବନ କରନ୍ତି। ମଲ୍‌ଟିଭିଟାମିନ୍‌ର ଏତେ ଚାହିଦା ଥିବା ସତ୍ତ୍ୱେ ଗବେଷକମାନେ ଏହାର ସ୍ୱାସ୍ଥ୍ୟ ଉପକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି ଓ ଏହା ଶରୀର ପାଇଁ କ୍ଷତିକାରକ ବୋଲି ଚେତାଇ ଦେଇଛନ୍ତି। ଗବେଷକମାନଙ୍କ କହିବାନୁଯାୟୀ, ବିଭିନ୍ନ ପ୍ରକାର ଖାଦ୍ୟରୁ ଆମେ ପାଉଥିବା ବେଟା-କ୍ୟାରୋଟିନ୍ କ୍ୟାନ୍‌ସରରୁ ସୁରକ୍ଷା ଦେଇଥାଏ। କିନ୍ତୁ ବେଟା-କ୍ୟାରୋଟିନ୍ ସପ୍ଲିମେଣ୍ଟଗୁଡ଼ିକ କ୍ୟାନସର ଓ ହୃଦ୍‌ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ସେହିପରି ଅନେକ ମଲ୍‌ଟିଭିଟାମିନ୍‌ରେ ଥିବା ଆଇରନ ଶରୀରରେ ଆଇରନର ମାତ୍ରାକୁ ଅଧିକ କରିଦେଇପାରେ। ଆଉ ଏହା ହୃଦରୋଗ, ଡାଇବେଟିସ୍ ଓ ଡିମେନଶିଆ ଭଳି ରୋଗର ଆଶଙ୍କାକୁ ବଢ଼ାଇ ଦେଇଥାଏ।

# ଘରେ ପ୍ରସ୍ତୁତ କରନ୍ତୁ ସୁଇଟ୍‌କର୍ଣ୍ଣ ସୁପ୍

ଆବଶ୍ୟକ ସାମଗ୍ରୀ: ଆମେରିକାନ ସୁଇଟ କର୍ଣ୍ଣ, ଗାଜର, ଫ୍ରେଞ୍ଚ ବିନ୍ସ, ପିଆଜ, ରସୁଣ, ତେଜପତ୍ର, ଗୋଲମରିଚ ଗୁଣ୍ଡ, ବଟର, ଲୁଣ, ଧନିଆପତ୍ର, କର୍ଣ୍ଣଫ୍ଲୋର ।

ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍‌ରେ ପାଣି ଗରମ କରନ୍ତୁ। ସେଥିରେ କଟା ହୋଇଥିବା, ଗାଜର, ଫ୍ରେଞ୍ଚ ବିନ୍ସ, କଟା ପିଆଜ, କଟା ରସୁଣ, ତେଜପତ୍ର, ଗୋଲମରିଚ ଗୁଣ୍ଡ ପକାନ୍ତୁ। ତାହାକୁ ଭଲ ଭାବେ ଫୁଟିବାକୁ ଦିଅନ୍ତୁ। ଏହାପରେ ଏହାକୁ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜିଟେବୁଲ ଷ୍ଟକ୍ । ଆଉ ଏକ ପାତ୍ରରେ କିଛି ବଟର ନିଅନ୍ତୁ। ତାହା ଗରମ ହୋଇଗଲେ ସେଥିରେ କିଛି ରସୁଣ ପକାନ୍ତୁ। ଏହାପରେ ସେଥିରେ ଛୋଟ ଛୋଟ କଟା ଯାଇଥିବା ଗାଜର ଓ ଫ୍ରେଞ୍ଚ ବିନ୍ସ, ଗ୍ରୀନ ମଟର ପକାନ୍ତୁ। ଏହାପରେ ସେଥିରେ ଆମେରିକାନ ସୁଇଟ କର୍ଣ୍ଣ , ଲୁଣ, ଗୋଲମରିଚ ଗୁଣ୍ଡ, କିଛି ବଟା ହୋଇଥିବାକର୍ଣ୍ଣ ପକାନ୍ତୁ। ଏହାକୁ ହାଲକା ଭାଜନ୍ତୁ। ଏହାପରେ ଭେଜିଟେବୁଲ ଷ୍ଟକକୁ



ସେଥିରେ ପକାନ୍ତୁ। ଫୁଟିଗଲା ପରେ ସେଥିରେ କଟା ଧନିଆପତ୍ର, ଅଳ୍ପ ଲୁଣ, କିଛି କର୍ଣ୍ଣଫ୍ଲୋର ଘୋଳ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ସୁଇଟ କର୍ଣ୍ଣ ସୁପ୍। ଶୀତ ଦିନରେ ସୁଇଟ କର୍ଣ୍ଣ ସୁପ୍ ପିଇବାକୁ ଭଲ ଲାଗିଥାଏ।




କଦଳୀ ଖାଇ ସାରିବା ପରେ କିମ୍ବା ପୂଜାରେ ଭୋଗ ଲଗେଇ ସାରିବା ପରେ ଆମେ କଦଳୀ ଚୋପାକୁ ଫିଙ୍ଗି ଦେଇଥାଉ । ଅନେକ ଲୋକ ଏମିତି କରନ୍ତି । ଏହା ପ୍ରାୟ ସମସ୍ତଙ୍କ ଅଭ୍ୟାସ । ହେଲେ ଆପଣ ଜାଣନ୍ତି କି କଦଳୀ ଚୋପାରେ ବି ଅନେକ ଚମତ୍କାରିତା ଅଛି । ଯାହା ଆମ ଶରୀର ପାଇଁ ବେଶ ଭଲ ଏବଂ ଉପଯୋଗୀ । ତେବେ ଜାଣନ୍ତୁ କଣ ରହିଛି କଳଦୀ ଚୋପାର ଚମତ୍କାରିତା । ଆପଣଙ୍କ ସୁନ୍ଦର ତ୍ୱଚା ପାଇଁ ରାମବାଣ ଏହି କଦଳୀ ଚୋପା । କଦଳୀ ଚୋପାକୁ ଅନେକ ଖାଇସାରି ନଷ୍ଟ କରିଦେଉଥିବା ବେଳେ ଏହାର ଭିତର ଅଂଶକୁ ଧିଧିରେ ମୁହଁରେ ଲଗାଇଲେ ମୁହଁର ଶୁଖିଲାପଣକୁ ଏହା ଓଦାରଖେ ଏବଂ ମୁହଁର ଚମଡାକୁ ନରମ ରଖେ । କଦଳୀ ଚୋପାକୁ ପ୍ରତିଦିନ ମୁହଁରେ ଲଗାଇଲେ ତାହା ମୁହଁରେ ଥିବା ନାଲି ଅଂଶକୁ ଦୂରକରେ । ଯଦି ଗରମ ପାଇଁ ବି ମୁଁ ଜଳାପୋଡା କରୁଛି ତେବେ ସେଥିରୁ ବି ଉପଷମ ଦେବ କଦଳୀ ଚୋପା ।

ଆଖିତଳ କଳାଦାଗ କଦଳୀ ଚୋପା ଦୂରକରେ । ୧୫ରୁ ୨୦ ମିନିଟ୍ କଦଳୀ ଚୋପାକୁ ଆଖି ଉପରେ ରଖିଲେ ଏହା ଆଖିକୁ ଥଣ୍ଡା ରଖିଥାଏ ଏବଂ ଶରୀରରେ ଯଦି କୌଣସି ସ୍ଥାନ କଟି ଯାଉଛି କିମ୍ବା ଆଞ୍ଚୁଡି ଯାଏ ତାହାରେ କଦଳୀ ଚୋପା ଲଗାନ୍ତୁ ଏହା ଔଷଧ ଭଳି କାମ କରିବ ।

# ସକାଳୁ ସକାଳୁ ଉଷୁମ ପାଣିରେ ଲେମ୍ବୁ ବୁନ୍ଦା ପକାଇ ସେବନ ସ୍ୱାସ୍ଥ୍ୟ ପକ୍ଷେ କେତେ ହିତକାରକ ଜାଣନ୍ତୁ



ଯଦି ସକାଳର ଆରମ୍ଭ ଭଲରେ ହୋଇଥାଏ, ତେବେ ପୂରା ଦିନଟି ଭଲରେ କଟେ । ଅଧିକାଂଶ ଲୋକ ଦିନର ଆରମ୍ଭ ଚା' ବା କଫିରୁ କରିଥାନ୍ତି । ଯାହା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ହିତକର ନୁହଁ । ଖାଲିପେଟରେ ଚା' କିମ୍ବା କଫି ପିଇବା ଯାହା ରୋଗକୁ କୁଣିଆ କରି ଘରକୁ ଡାକିବା ତାହା । ତେବେ ଚା' , କଫି ବଦଳରେ ଆଉ କ'ଣ ସେବନ କରାଯାଇପାରିବ ପ୍ରଶ୍ନ କଲେ ଆମେ କହିବୁ ଲେମ୍ବୁପାଣି ପିଅନ୍ତୁ । ନା' ଆଜ୍ଞା ଥଣ୍ଡାପାଣିରେ ଲେମ୍ବୁବୁନ୍ଦା ପକାଇ ସେବନ କରିବାକୁ ଆମେ କହୁନୁ । କେବେ ଆପଣ ଉଷୁମ ପାଣିରେ ଲେମ୍ବୁର କିଛି ବୁନ୍ଦା ପକାଇ ପିଇବାକୁ ଚେଷ୍ଟା କରିଛନ୍ତି କି ? କିଛି ଲୋକ ଶୀତଦିନେ ଉଷୁମ ପାଣିରେ ଲେମ୍ବୁ ବୁନ୍ଦା ପକାଇ ପିଇବା ଶରୀର ପାଇଁ ଲାଭଦାୟକ କି ନାହିଁ ବୋଲି ଭାବି ପିଇବାକୁ ଡ଼ରିଥାନ୍ତି । କିନ୍ତୁ ଶୀତ ଦିନେ ମଧ୍ୟ ଏହାର ସେବନ କରିବା ଶରୀର ପାଇଁ ଲାଭଦାୟକ ହୋଇଥାଏ । ଏହାକୁ ଆପଣ ଖାଲି ପେଟରେ ମଧ୍ୟ ପିଇପାରିବେ । ଯାହା ଶରୀରକୁ କୌଣସି କ୍ଷତି ପହଁଞ୍ଚାଇନଥାଏ । ତେବେ ଆସନ୍ତୁ ଜାଣିବା, ଏହାକୁ ପିଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ ।

୧.ଲେମ୍ବୁରେ ଭିଟାମିନ୍ ସି, ପଟାସିୟମ ଏବଂ ଆଇରନ ରହିଥାଏ । ଯାହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୋଇଥାଏ । ଶୀତଦିନେ ଉଷୁମ ପାଣିରେ ଲେମ୍ବୁ ବୁନ୍ଦା ପକାଇ ପିଇବା ଦ୍ୱାରା ଥଣ୍ଡା, ଜ୍ୱର ଏବଂ କାଶ ହେବା ଭଳି ସମସ୍ୟା ଦେଖା ଯାଇ ନ ଥାଏ ।

୨.ଉଷୁମ ପାଣିରେ ଲେମ୍ବୁ ପକାଇ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରକୁ ବାହାରି ଯାଇଥାଏ । ଯାହାଦ୍ୱାରା ପାଚନ କ୍ରିୟା ମଜବୁତ୍ ହୋଇଥାଏ । ସକାଳ ସମୟରେ ଉଷୁମ ପାଣିରେ ଲେମ୍ବୁ ପକାଇ ପିଇବା ଦ୍ୱାରା ଅପଚ ବା କୋଷ୍ଠକାଠିନ୍ୟ ସମସ୍ୟାରୁ ଆରାମ ମିଳିଥାଏ ।

୩.ଏହାଦ୍ୱାରା ଶରୀରରେ ପିଏଚ୍ ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ । ଏହା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରି ଯକୃତକୁ ସକ୍ରିୟ କରିଥାଏ ।

୪.ସକାଳୁ ଖାଲିପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ମେଟାବୋଲିଜିମ୍ ବଢ଼ିବା ସହ ଫ୍ୟାଟ୍ କମ ହୋଇଥାଏ । ଏହା ଦ୍ୱାରା ଓଜନ ବୃଦ୍ଧି ଭଳି ସମସ୍ୟା ମଧ୍ୟ ଦେଖାଯାଇ ନ ଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟ୍ରେଡମିଲ୍‌ରେ ଟ୍ରମ୍ପ

ଆମେରିକାର ନିବନିଯୁକ୍ତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ଓ ରାଷ୍ଟ୍ରବାଦୀ ଆଭିମୁଖ୍ୟ ବିଶ୍ୱ ବାଣିଜ୍ୟ ପ୍ରତି ଏକ ବିରାଟ ଆହ୍ୱାନ ସୃଷ୍ଟି କରିଛି। ବସ୍ତୁତଃ ବହୁଧ୍ରୁବୀୟ ବିଶ୍ୱବାଣିଜ୍ୟ ଆଗାମୀ ଦିନରେ ପୁଣି ଥରେ ଦ୍ୱିଧ୍ରୁବୀୟ ହେବାର ଅନୁମାନ କରାଯାଉଛି- ଯେଉଁଥିରେ ଗୋଟିଏ ପଟେ ଆମେରିକା ନେତୃତ୍ୱ ଓ ଅନ୍ୟପଟେ ଚୀନ୍ ଓ ୟୁରୋପୀୟ ସଂଘର ନେତୃତ୍ୱରେ ବିକାଶଶୀଳ ଦେଶମାନେ ରହିବେ। ଯଦି ଟ୍ରମ୍ପଙ୍କ ସାମ୍ପ୍ରତିକ ଶାସନ କାଳରେ ଏହା ବାସ୍ତବତାର ରୂପ ନିଏ ତେବେ ପ୍ରଥମ ବିଶ୍ୱବାଣିଜ୍ୟ ଯୁଦ୍ଧ ଅବଶ୍ୟମ୍ଭାବୀ ବୋଲି କୁହାଯାଇପାରେ। ଏହି ଯୁଦ୍ଧର ତତ୍କାଳ ଫାଇଦା ନା ତ ଆମେରିକାକୁ ମିଳିବ ନା ଚୀନ୍ କିମ୍ବା ୟୁରୋପୀୟ ସଂଘ ପାଇବେ। ଅଧିକନ୍ତୁ ଦୀର୍ଘମିଆଦୀ କାଳରେ ବିକାଶଶୀଳ ଦେଶମାନେ ଏହି ଯୁଦ୍ଧର ସର୍ବାଧିକ କ୍ଷତି ସହିବେ। ବିଶ୍ୱ ବାଣିଜ୍ୟ ଯୁଦ୍ଧର ପ୍ରାକ୍ ବା ବର୍ତ୍ତମାନର ସ୍ଥିତି ଅନୁମାନ କରାଯାଉ। ବିନିର୍ମାଣ ଓ ରପ୍ତାନୀ ବାଣିଜ୍ୟ ଉପରେ ନିର୍ଭରଶୀଳ ଚୀନ୍‌ର ଅର୍ଥନୀତିର ସ୍ଥିତି ଆମେରିକା ତୁଳନାରେ ଉତ୍ତମ। ଆମେରିକାକୁ ଚୀନ୍‌ର ବାଣିଜ୍ୟ ବଳକା ବା ଆମଦାନୀ ତୁଳନାରେ ରପ୍ତାନୀ ପରିମାଣ ଗତ ଆର୍ଥିକ ବର୍ଷରେ ଅଧିକ ୧ ଲକ୍ଷ କୋଟି ଡଲାର ଟପିଛି। ତେଣୁ ମୂଳଚାଲ୍ ସ୍ଥିତିରେ ଚୀନ୍‌ର ଆଧିପତ୍ୟ ଭାରି ଜଣାପଡୁଛି। ଗତବର୍ଷକ ମଧ୍ୟରେ ଚୀନ୍‌ର ବହିଃବାଣିଜ୍ୟ ୧୨% ବୃଦ୍ଧି ଘଟିଛି। ତେଣୁ ଚୀନ୍‌ରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଅତିରିକ୍ତ ୧୦% ସୀମାଶୁଳ୍କ ଓ ଆମଦାନୀ ଶୁଳ୍କ ବୃଦ୍ଧି ଘୋଷଣା କରିବା ପରେ ଚୀନ୍ ତତ୍କାଳ ପାଲଟା ଜବାବ ଦେଇଛି। ସେମିକଣ୍ଡକ୍ଟର ନିର୍ମାଣରେ ବ୍ୟବହୃତ କେତେକ କଞ୍ଚାମାଲ୍‌ର ଆମେରିକା ରପ୍ତାନୀକୁ ଚୀନ୍ ସ୍ଥଗିତ କରିଛି। ଏହିସବୁ କଞ୍ଚାମାଲ୍ ଚୀନ୍‌ରୁ ଆମଦାନୀ କରୁଥିବା ଅନ୍ୟଦେଶମାନଙ୍କଠାରୁ ଆମେରିକା କିଣିବାର ଯୋଜନାରେ ଥିବାରୁ ଚୀନ୍ ସତର୍କ ହୋଇ ସେହି ଦେଶମାନଙ୍କ ଉପରେ କଟକଣା ଜାରି କରିଛି। ଗୁଗୁଲ୍‌ର କାର୍ଯ୍ୟାବଳୀ ଉପରେ ଚୀନ୍ ଅନୁସନ୍ଧାନ ଆରମ୍ଭ କରିବା ସହିତ ଆମେରିକୀୟ ଉତ୍ପାଦ ଏବଂ ଆମେରିକାରୁ ଆମଦାନୀ ହେଉଥିବା ତରଳ ପ୍ରାକୃତିକ ବାଷ୍ପ, କୋଇଲା, କୃଷି ଉପକରଣ ଉପରେ ୧୫% ଶୁଳ୍କ ବୃଦ୍ଧି କରିଛି। ଆମେରିକା-ଚୀନର ଏହି ବାଣିଜ୍ୟ ଯୁଦ୍ଧରେ ଆମେରିକାବାସୀଙ୍କ ପାରିବାରିକ ଖର୍ଚ୍ଚ ବାର୍ଷିକ ୧୨୦୦ ଡଲାର ପର୍ଯ୍ୟନ୍ତ ବଢ଼ିଯିବ ବୋଲି ଆକଳନ କରାଯାଇଛି। ଏଥିରେ ଚୀନ୍‌ର ବିବଶତା ବା ଦୁର୍ବଳତା ହେଲା ଆମେରିକୀୟ ଡଲାର ତୁଳନାରେ ୟୁଆନ୍‌ର କ୍ରମାଗତ ମୂଲ୍ୟ ହ୍ରାସ। ତେଣୁ ଚୀନ୍‌ର ରପ୍ତାନୀ ବାଣିଜ୍ୟ ବୃଦ୍ଧି ପାଉଥିଲେ ମଧ୍ୟ ତଦନୁଯାୟୀ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରୁନାହିଁ। ଏଭଳି ପରିସ୍ଥିତି ଟ୍ରମ୍ପଙ୍କ ପ୍ରଥମ ଶାସନକାଳରେ ମଧ୍ୟ ଦେଖାଦେଇଥିଲା। ୨୦୧୮ରେ ଆମେରିକାର ଚୀନ୍ ଉପରେ ବାଣିଜ୍ୟ କଟକଣା ଲାଗୁ ପରେ ୨୦୨୦ରେ ପୁଣି ଥରେ ଦୁଇ ଦେଶ ଆପୋସ ବୁଝାମଣା କରିବାକୁ ବାଧ୍ୟ ହୋଇଥିଲେ। ତେଣୁ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଜରିଆରେ ବିଶ୍ୱ ବାଣିଜ୍ୟରେ ଆଧିପତ୍ୟ ପାଇଁ ଚୀନ୍‌ରୁ ଆରମ୍ଭ କରିଥିବା ଦୌଡ଼ ପୁଣି ଟ୍ରେଡମିଲ୍ ସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇହେଉନାହିଁ। ସେହିଭଳି ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ୟୁରୋପୀୟ ସଂଘକୁ ମଧ୍ୟ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେହିସବୁ ରାଷ୍ଟ୍ରରୁ ଆମେରିକା ବିପୁଳ ପରିମାଣର କାର, ଖାଦ୍ୟ ସାମଗ୍ରୀ ଓ କୃଷିଜାତ ସାମଗ୍ରୀ ଆମଦାନୀ କରୁଥିବା ବେଳେ ୟୁରୋପୀୟ ସଂଘ ଆମେରିକାର କାର କିଣୁ ନଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ତେଣୁ ୟୁରୋପୀୟ ସଂଘରୁ ଆମଦାନୀ ଉପରେ ଟ୍ରମ୍ପ ଟିକସ ବୃଦ୍ଧି କରିବାର ଯୋଜନାରେ ଅଛନ୍ତି। ଅପରପକ୍ଷରେ ଆମେରିକୀୟ କାରଗୁଡ଼ିକର ବିଭିନ୍ନ ଅଂଶ ମେକ୍ସିକୋ ଓ କାନାଡ଼ାରେ ନିର୍ମାଣ ହୋଇ ଆମେରିକାକୁ ଆସୁଛି ଏବଂ ଆମେରିକାରେ ସେହିସବୁ ଅଂଶ ଯୋଡ଼ା ଯାଇ ଆମେରିକୀୟ କାର ଭାବେ ବିଶ୍ୱ ବଜାରରେ ବିକ୍ରି ହେଉଛି। ତେଣୁ ଯଦି ମେକ୍ସିକୋ ଓ କାନାଡ଼ା ଉପରେ ଟିକସ ଲାଗୁ ହୁଏ ତେବେ ସେଠାରୁ ଆମଦାନୀ ଯନ୍ତ୍ରାଂଶ ଅଧିକ ମହଙ୍ଗା ହେବ ଏବଂ ଆମେରିକା ହିଁ ଅଧିକ କ୍ଷତି ସହିବ। ୟୁରୋପୀୟ ସଂଘ ଉପରେ ଟିକସ କଟକଣା ଲାଗୁ ହେଲେ ୟୁରୋପୀୟମାନେ ଏପରିକି ଆମେରିକାବାସୀ ମଧ୍ୟ ଆମେରିକା କାର ନ କିଣି ଜାପାନ, ଜର୍ମାନୀ ଓ ଦକ୍ଷିଣ କୋରିଆ ନିର୍ମିତ କାର ସୁଲଭ ମୂଲ୍ୟରେ କିଣିବାକୁ ପସନ୍ଦ କରିବେ। ମେକ୍ସିକୋ ଓ କାନାଡ଼ା ବାଣିଜ୍ୟ ମଧ୍ୟ ୟୁରୋପ ମୁହାଁ ହେବେ। ଏହି କାରଣରୁ ମେକ୍ସିକୋ ଓ କାନାଡ଼ା ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କ ବୃଦ୍ଧି ନିର୍ଦ୍ଦେଶନାମାକୁ ଟ୍ରମ୍ପ ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରି ନେଇଛନ୍ତି। ଏହା ହିଁ ଟ୍ରମ୍ପଙ୍କ ଟିକସ-ଟ୍ରେଡମିଲ୍ ଦୌଡ଼କୁ ଆହୁରି ଅଧିକ ସ୍ପଷ୍ଟ ଭାବେ ଚିତ୍ରିତ କରୁଛି।

# 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ ସାବତ

**ବିଶ୍ୱବିଜୟୀ ଦାଶ**



ଓଡ଼ିଶାରେ ସ୍ୱାଧିନତା କାଳରେ ଯେଉଁ କେତେଜଣ ନାରୀ କବି,ଲେଖିକା ଙ୍କର ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରୁ ମହୀୟସି ମହିଳା କୁନ୍ତଳା କୁମାରୀ ସାବତ ଅନ୍ୟତମ।ସେ ଜଣେ ସୁଦକ୍ଷ ଡ଼ାକ୍ତର, ଯଶସ୍ୱୀ କବୟିତ୍ରୀ, ଲେଖିକା, ସ୍ୱାଧିନତା ସଂଗ୍ରାମୀ ଓ ସମାଜସେବୀ ଥିଲେ।

ସେ ୧୯୦୧ ମସିହା ଫେବୃଆରି ୮ ତାରିଖରେ ବସ୍ତର ରାଜ୍ୟ (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା)ର ଜଗଦଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ।ତାଙ୍କ ପିତାଙ୍କ ନାମ ଡାନିଏଲ ସାବତ, ସେ ପେଶାରେ ଡାକ୍ତର ଥିଲେ। ତାଙ୍କର ମାତାଙ୍କ ନାମ ମୋନିକା ସାବତ ଥିଲା । ତାଙ୍କ ପିତାମହ ପୁରୀ ଜିଲ୍ଲାର ଦାଣ୍ଡମୁକୁନ୍ଦପୁରର ବାସିନ୍ଦା ଥିଲେ । କୌଣସି କାରଣବଶତଃ ତାଙ୍କ ପିତା ବସ୍ତର ଜିଲ୍ଲାକୁ ଚାଲି ଯାଇଥିଲେ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । ତାଙ୍କ ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ବର୍ମା ଚାଲି ଯାଇଥିଲେ ଓ କୁନ୍ତଳାଙ୍କୁ ୧୪ ବର୍ଷ ହେବା ପର୍ଯ୍ୟନ୍ତ ସେଠାରେ ଥିଲେ । ପରବର୍ତ୍ତୀ ସମୟରେ କୁନ୍ତଳା କୁମାରୀ ସାବତ ତାଙ୍କ ମାତା ଙ୍କ ସହ ଓଡ଼ିଶା ଫେରି ଆସିଥିଲେ।

ସେ ରେଭେନସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ବିଦ୍ୟାଳୟ) ଡାକ୍ତରୀ ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ । ସେ ଯୁଗରେ ନାରୀ ଶିକ୍ଷା ଆଦୌ ନ ଥିଲା । ଏହି ଶିକ୍ଷା ନିମନ୍ତେ ତାଙ୍କର ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁ ସମ୍ଭବ ହୋଇଥିଲା । ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ ।

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମହୀୟସି ମହିଳା କୁନ୍ତଳା କୁମାରୀ ସାବତଙ୍କ କାବ୍ୟ ଚିନ୍ତନ ଏକ ବିଶିଷ୍ଟ ପର୍ବ,ତାଙ୍କ ଜୀବନର ସ୍ୱଳ୍ପାୟୁଷ ସତ୍ତ୍ୱେ ସେ କେବଳ ଓଡ଼ିଶାର ନୁହଁନ୍ତି ସମଗ୍ର ଭାରତ ବର୍ଷର ବିପୁଳ ମାନସିକତା ତାଙ୍କ ଠାରେ ପରିଲକ୍ଷିତ ହେଲା ବେଳେ ଜଣେ ସାହିତ୍ୟ ସ୍ରଷ୍ଟା ଭାବେ ସମାଜର ଭଲ ମନ୍ଦ ନାରୀ ଜୀବନର ବିବିଧତା ସ୍ୱକୀୟ ଜୀବନ ଦର୍ଶନ, ଦେଶ ପ୍ରୀତି ତଥା ସମସାମୟିକ ସାଂସ୍କୃତିକ ଚିତ୍ର ପ୍ରଦାନର କୁନ୍ତଳା କୁମାରୀ ସାବତଙ୍କ କଥା ଭାଗ ତଥା କଥା ସାହିତ୍ୟ ଯଦି ଦେଖିବା ତା' ସହ କବିତା ପର୍ବ, ଆଧୁନିକ ଓଡ଼ିଆ ସାହିତ୍ୟ ପରିପ୍ରକ୍ଷୀରେ ବେଶ ଉଲ୍ଲେଖନୀୟ ବୋଲି ମନେହୁଅନ୍ତି।

କୁନ୍ତଳା କୁମାରୀ ସାବତଙ୍କ ପ୍ରଥମ କବିତା ହେଉଛି 'ତାରା ପ୍ରତି'।

ତାଙ୍କର ଆହୁରି କବିତା ଗୁଡ଼ିକ ହେଲା ଅଞ୍ଜଳୀ, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା ଗଡଜାତ କୃଷକ , ଶେଫାଳି ପ୍ରତି, କୋଟିକୋଟି କଣ୍ଠେ ଆଜି ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ ମଣିକାଞ୍ଚନ(ଅସମ୍ପୂର୍ଣ୍ଣ କାବ୍ୟ) (ସାହିତ୍ୟିକା ଜୀବନର ଆଦ୍ୟକାଳରେ ରଚିତ) (ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନ) ବନଫୁଲ ଉଦ୍ୟାନ କୁସୁମ ଆଦି।

ତାଙ୍କ ଲେଖନୀ ନିସୃତ ଅଞ୍ଜଳୀ, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ, ସାଙ୍ଗିତିକତା, ଲାଳିତ୍ୟ, ଚମତ୍କାର ଆବେଗ ପ୍ରବଣତାରେ ଉଦ୍ବେଳିତ କରିଛନ୍ତି ତାଙ୍କ କାବ୍ୟ ଗୁଡ଼ିକୁ। ତାଙ୍କ ଲେଖନୀ ନିସୃତ ଅନ୍ୟ ଏକ ଉଚ୍ଛାସ କବିତା କବି ଙ୍କ ପ୍ରକୃତି ପ୍ରୀତି, ନାନ୍ଦନୀୟ ଦୃଷ୍ଟିଭଙ୍ଗୀ କୁ ସମ୍ପ୍ରସାରିତ କରିଛି। ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନ। ଏହି କବିତା ଦ୍ୱୟରେ ଦେଶାତ୍ମଭାବନାବୋଧରେ ପ୍ରଜ୍ୱୋଳିତ।

ପରବର୍ତ୍ତୀ ସମୟରେ ସେ ମହାତ୍ମା ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି 'ଭାରତ ମାତା' କବିତା ଲେଖିଥିଲେ। ଏହି କବିତାରେ ଜାତୀୟତା, ଦେଶପ୍ରୀତିର କିପରି ଭାବରେ କୁନ୍ତଳା କୁମାରୀ ସାବତଙ୍କ ମନୋନିବେଶ ରହିଛି, ତାହାର ନିଦର୍ଶନ ଦେଖିବାକୁ ମିଳେ।

ତାଙ୍କର ଅନେକ ଉପନ୍ୟାସ ଗୁଡ଼ିକ ହେଲା ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୂ ରଘୁ ଅରକ୍ଷିତ, ପରଶମଣି, ଚିତ୍ରପଟ ଆଦି। ତାଙ୍କୁ ୧୯୨୫ ମସିହାରେ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭାରତୀ ଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା।

ତାଙ୍କ ଲେଖନୀ ନିସୃତ କବିତା-

'ଆହାଃ କି ସୁନ୍ଦର ଶିଶୁ ଭାବନା ବିହୀନ, ସୁଧାରସ ସିକ୍ତ ତବ ଏ ନବଜୀବନ, ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ, ଏ ନବଜୀବନେ ନାହିଁ ସଂସାର ଜଞ୍ଜାଳ' ସେ ମହୀୟସୀ ମହିଳା ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦୁନିଆ ଛାଡ଼ି ଚାଲିଗଲେ।

ଆଜି ତାଙ୍କର ଜନ୍ମଜୟନ୍ତୀ ଅବସରରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।


ଯୁବ ସ୍ତମ୍ଭକାର, ସମ୍ପାଦକ,
ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ମୋ: ୬୩୭୦୨୦୮୪୨୮
ପିନ୍- ୭୫୨୦୩୫


# କୁନ୍ତଳା କୁମାରୀ ସାବତ

**ଡ଼ଃ.ଅରୁନ୍ଧତୀ ଦେବୀ**

ଓଡ଼ିଆ ସାରସ୍ୱତ କ୍ଷେତ୍ରରେ କୁନ୍ତଳା କୁମାରୀ ସାବତ ଅନନ୍ୟା ଅଦ୍ୱିତୀୟା। ସେ ଥିଲେ ଅସାଧାରଣ ଶକ୍ତିର ଅଧିକାରିଣୀ। କାର୍ମିକ ତଥା ପାରିବାରିକ ଜଞ୍ଜାଳ ମଧ୍ୟରେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ନିଜର ଅପୂର୍ବ ପ୍ରତିଭାର ପରିଚୟ ଦେଇଯାଇଛନ୍ତି। ଭାବନାକୁ ପ୍ରକାଶ କରିବା ଥିଲା ତାଙ୍କର ସହଜାତ ଗୁଣ। ମାୟାଧର ମାନସିଂହଙ୍କ ଭାଷାରେ ବାଦକ ବଂଶୀର ଫୋଡ଼ରେ ଆଙ୍ଗୁଠି ମାରୁ ମାରୁ ହଠାତ୍ ଯେପରି ମନ ମୁତାବକ ସ୍ୱର ପାଇଯାଏ, କୁନ୍ତଳା ଏଣୁ ତେଣୁ ଗାଉ ଗାଉ, ଈଶ୍ୱରଙ୍କ କଥା ଗାଇବାକୁ ଆସି, ସେହିପରି ତାଙ୍କ ପ୍ରାଣ ବୀଣାର ଗୋଟିଏ ତାରକୁ ହାତ ମାରିଦେଇଛନ୍ତି, ତାହାର ସୁର ତାଙ୍କର ସକଳ ବ୍ୟକ୍ତିତ୍ୱକୁ ଏପରି ଝଂକୃତ କରିଦେଲା ଯେ, ସେ ଆଉ ସେ ସୁରର ମୋହ ଜୀବନଯାକ ଛାଡ଼ିପାରିଲେ ନାହିଁ। କୁନ୍ତଳା କୁମାରୀଙ୍କ ଜୀବନ କାଳ ଥିଲା ସୀମିତ। ତେବେ ସୀମିତ ସମୟ ମଧ୍ୟରେ ସେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିପାରିଥିଲେ। ତାଙ୍କର ପ୍ରଥମ କବିତା ପୁସ୍ତକ ଅଞ୍ଜଳି ୧୯୨୨ରେ ପ୍ରକାଶ ପାଇଥିଲା। ତାହାପରେ ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ଓଡ଼ିଆଙ୍କ କାନ୍ଦଣା, ଗଡ଼ଜାତ କୃଷକ, ପ୍ରେମ ଚିନ୍ତାମଣି ଓ ଅସଂପୂର୍ଣ୍ଣ କାବ୍ୟ ମଣିକାଞ୍ଚନ। ତାଙ୍କ କବିତା ସଂପର୍କରେ ଗୋପାଳଚନ୍ଦ୍ର ପ୍ରହରାଜ କହିଥିଲେ - ଖାଇବା ଯେ ପରି ପକ୍ଷୀମାନଙ୍କର ନୈସର୍ଗିକ ପ୍ରକୃତି, କବିତା ସେହିପରି କୁନ୍ତଳାଙ୍କ ପାଖେ ପ୍ରାକୃତିକ ଥିଲା।

ଓଡ଼ିଆ ଭାଷାରେ ଯେଉଁ ଜୀବନୀଶକ୍ତି ସଞ୍ଚରିତ କରିଯାଇଛନ୍ତି, ଓଡ଼ିଆ ଜାତି ଆଜି ତାହା ହୃଦୟଙ୍ଗମ କରିନାହିଁ। କୁନ୍ତଳା କୁମାରୀ ଓଡ଼ିଶାର ପ୍ରଥମ ଔପନ୍ୟାସିକା। ତାଙ୍କର ପ୍ରଥମ ଉପନ୍ୟାସ ଭ୍ରାନ୍ତି। ନଅ ତୁଣ୍ଡୀ, କାଳୀ ବୋହୂ, ପରଶମଣି ଓ ରଘୁ ଅରକ୍ଷିତ ତାଙ୍କର ଅନ୍ୟ ପ୍ରସିଦ୍ଧ ସୃଷ୍ଟି। ସେ ବେଶ କିଛି କାଳ ଦିଲ୍ଲୀରେ ରହିଥିଲେ। ସେ ସମୟରେ ଦିଲ୍ଲୀ ଚିଠି ନାମରେ ସାରସ୍ୱତ ପତ୍ର ଲେଖୁଥିଲେ। ପଞ୍ଚମ ଚିଠିରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ ଓଡ଼ିଶା ବାସୀଙ୍କୁ ଆହ୍ୱାନ ଦେଇଥିଲେ। ଟାଣୁଆ ଓଡ଼ିଆ ଜିଣିଲୁ ଦରିଆ, କଲୁ କାରିଗରୀ ପଥରରେ ଠିଆ; ତୋର ଚକ୍ରବର୍ତ୍ତୀ ଗଜପତି ପାଦେ, ପୃଥିବୀ ପଣତ ଥିଲା ପାରି। ହିନ୍ଦୀ ଓ ଇଂରେଜୀରେ ମଧ୍ୟ ସେ ଲେଖୁଥିଲେ। ସ୍ତ୍ରୀ ଭୂଷଣ, ନାରୀ, ଭାରତୀ, ଜୀବନ ଆଦି ହିନ୍ଦୀ ପତ୍ରିକାର ସଂପାଦିକା ଦାୟିତ୍ୱ ତୁଲାଇଥିଲେ। ପେସା ଥିଲା ଡାକ୍ତରୀ ଏବଂ ରୁଚି ଲେଖାଲେଖି। ୧୯୦୧ ଫେବୃଆରୀ ଆଜିର ଦିନରେ ଏହି ବହୁମୁଖୀ ନାରୀ ପ୍ରତିଭା ତତ୍କାଳୀନ ବସ୍ତର ରାଜ୍ୟର ଜଗଦଲପୁରରେ ଜନ୍ମ ହୋଇଥିଲେ।


+ଶୋଭନୀୟ ଆନ୍ଦୋଳନ,
କଟକ, ମୋ : ୯୯୩୭୧୭୨୮୧୦


# ପ୍ରୟାଗକୁ ରକ୍ଷା କରିଥିଲା କୁମ୍ଭମେଳା

**ତ୍ରିନାଥ ଓଝା**

ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ। ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ, ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭର ବିକାଶର ଗାଥା ଅସୀମ ଓ ଅକଳ୍ପନୀୟ। ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ। ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି ଆଧାତ୍ମିକ ମହତ୍ୱ ବି ସେତିକି। ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଛି। କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା। ହିନ୍ଦୁ ଧର୍ମ ସମେତ ବିଶ୍ୱର ଅନ୍ୟ କେତେକ ଧର୍ମ ଓ ସମ୍ପ୍ରଦାୟରେ ପବିତ୍ର ସ୍ନାନ ବିଷୟରେ ଉଲ୍ଲେଖ ରହିଛି। ତେବେ ସଙ୍ଗମ ନଗରୀରେ ଆୟୋଜିତ କୁମ୍ଭମେଳା ବିଶେଷକରି ୧୪୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ମହାକୁମ୍ଭ ମେଳାରେ ପବିତ୍ର ସ୍ନାନରେ ଧାର୍ମିକ ଓ ଆଧାତ୍ମିକ ଗୁରୁତ୍ୱ ରହିଛି। ଆମେ ପୂର୍ବରୁ ଉଲ୍ଲେଖ କରିଥିଲୁ ଯେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳାର ଏହା ମାନ୍ୟତା ପାଇଛି। ବିଶ୍ୱାସ ଯେଉଁଠି ଭଗବାନ ସେଇଠି। ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ଏହି ପ୍ରୟାଗରାଜ କୁମ୍ଭମେଳା। ସମଗ୍ର ବିଶ୍ୱରେ ବଡ଼ ଆଲୋଚ୍ୟ ଖବର ଭାବେ ଏବେ ଏହି ସର୍ବବୃହତ୍ ଧାର୍ମିକ ମେଳା। ସର୍ବ ଧର୍ମର ପ୍ରତୀକ ଏ ମେଳା ହେଉଛି ଭବ୍ୟ, ଦିବ୍ୟ ଓ ଏକତାର ମହାକୁମ୍ଭ। ଆର୍ଯ୍ୟବର୍ତ୍ତ ଭାରତର ଭିନ୍ନ ଏକ ଆଧାତ୍ମିକତା ଓ ଏକତାର ଏ ହେଉଛି ସ୍ୱର୍ଦ୍ଧିତ ଜୟଯାତ୍ରା।

କୁମ୍ଭମେଳା ଆୟୋଜିତ ହେଉଥିବା ପ୍ରୟାଗରାଜ ଉପରେ ଅଧିକ ତଥ୍ୟ ଓ ବିଶେଷକରି ତତ୍କାଳୀନ ଇଂରେଜ ସରକାରଙ୍କ ସମୟରେ କୁମ୍ଭମେଳା ସମ୍ପର୍କରେ ଆମେ ଅଧିକ ଜାଣିବା ପାଇଁ ବିଭିନ୍ନ ପୁସ୍ତକ ଓ ସୋସିଆଲ ମିଡ଼ିଆର ସହାୟତା ନେଇଥିଲୁ। ତଥ୍ୟରୁ ଯାହାଜଣା ପଡ଼ିଥିଲା ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମେ ସ୍ୱୀକୃତି ପ୍ରାପ୍ତ କୁମ୍ଭମେଳାର ଆୟୋଜନ କରିଥିଲେ। ତେବେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ଭିଡ଼ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ କର୍ମ ପାଇଁ ଘାଟ ଓ ପରିମଳ ବ୍ୟବସ୍ଥା ଭଳି ମୌଳିକ ଆବଶ୍ୟକତା ଉପରେ ସୁଧାର ଆଣିଥିଲେ ଏବଂ ଏହି ବ୍ରିଟିଶ ଶାସନ ସମୟରେ ପ୍ରୟାଗରାଜ ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବରେ କୁମ୍ଭ ସ୍ପେସାଲ ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ତେବେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ। ଆମେ ପ୍ରୟାଗରାଜର କୁମ୍ଭମେଳା ଏବଂ ଇଂରେଜ ମାନଙ୍କ ଭୂମିକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଯେଉଁ ପୁସ୍ତକର ସାହାଯ୍ୟ ନେଇଥିଲୁ ସେଥିରେ ଯେଉଁ ତଥ୍ୟ ଉଲ୍ଲେଖ ରହିଛି ତାହା ସହୃଦୟ ପାଠକମାନେ ଜାଣିଲେ ଆଶ୍ଚର୍ଯ୍ୟଚକିତ ହୋଇଯିବେ। ଖୋଦ ବ୍ରିଟିଶ ସରକାରଙ୍କ ସମୟରେ ଏପରି ଏକ ଅଭାବନୀୟ ପରିସ୍ଥିତି ଓ ପରିପାର୍ଶ୍ୱିକ ଘଟଣାବଳୀ ସୃଷ୍ଟି ହୋଇଥିଲା ଯେ ଏହି କୁମ୍ଭମେଳା ହିଁ ଏକଦା ପ୍ରୟାଗକୁ ବଞ୍ଚାଇ ଦେଇଥିଲା। ଆମେ ଏହି ଆଲୋଚନା କଲାବେଳେ ସିପାହୀ ବିଦ୍ରୋହ ପ୍ରସଙ୍ଗ ଏଠାରେ ଉଲ୍ଲେଖ କରୁଛୁ। କାରଣ ସିପାହୀ ବିଦ୍ରୋହ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଉପରେ ଭାରତୀୟ ସିପାହୀମାନେ ଅନେକ କାରଣ ବଶତଃ କ୍ଷୁବ୍ଧ ହୋଇଥିଲେ ଓ ସେମାନେ ପ୍ରତିଶୋଧ ପରାୟଣ ମଧ୍ୟ ହୋଇଥିଲେ। ସେ ସମୟରେ ସେମାନଙ୍କୁ ସହଯୋଗ କରିଥିଲେ ପ୍ରୟାଗର ତତ୍କାଳୀନ ପ୍ରାଧାନ୍ୟ ଥିବା ବ୍ରାହ୍ମଣ ଓ ପଣ୍ଡିତମାନେ।

ଆଜିର ପ୍ରୟାଗରାଜକୁ ସେତେବେଳେ ଆହ୍ଲାବାଦ ଭାବେ ସମସ୍ତେ ଜାଣୁଥିଲେ। ଏହି ପ୍ରମୁଖ ଅଞ୍ଚଳଟି ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନକୁ ଆସି ଯିବା ପରେ ବ୍ରିଟିଶ ସରକାର ପ୍ରୟାଗର ସେ ସମୟରେ ଅନୁଷ୍ଠିତ ମାଘ ମେଳାରେ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଏପରିକି ସାଧୁସନ୍ଥଙ୍କ ଉପରେ କର ବସାଇବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବିଚାର କରିଥିଲେ। ଯେଉଁମାନେ ଏକ ମାସ ପର୍ଯ୍ୟନ୍ତ ସେଠାରେ ରହିବେ ସେମାନଙ୍କୁ ବାଧ୍ୟତାମୂଳକ ଭାବେ ଜଣ ପିଛା ଏକ ଟଙ୍କା ଲେଖାଏଁ ଟିକସ ଦେବାକୁ ପଡ଼ିବ ବୋଲି ଘୋଷଣା ହେଲା। ଏପରିକି ଯେଉଁମାନେ ପବିତ୍ର ମାଘ ସ୍ନାନ କରି ମୁଣ୍ଡନ ହେବେ ସେମାନଙ୍କ ଠାରୁ ଆରମ୍ଭ କରି ମୁଣ୍ଡନ କରୁଥିବା ନାପିତ, ସ୍ଥାନୀୟ ଫୁଲ, ଭୋଗ ଓ ମିଷ୍ଟାନ୍ନ ଦୋକାନୀଙ୍କ ପାଇଁ ମଧ୍ୟ ଧାର୍ଯ୍ୟ ଟିକସର ବ୍ୟବସ୍ଥା ହେଲା ଏବଂ ଏହି ଟିକସକୁ କଡ଼ାକଡ଼ି ଭାବେ ଆଦାୟ କରିବା ପାଇଁ ପବିତ୍ର ସଙ୍ଗମ ସ୍ଥଳରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ଚୌକୀଦାର ପ୍ରହରୀ ରହିବାର ବ୍ୟବସ୍ଥା କରାଗଲା। ହିନ୍ଦୁମାନଙ୍କର ଆସ୍ଥା ଓ ବିଶ୍ୱାସର ପବିତ୍ର ତ୍ରିବେଣୀ ସଙ୍ଗମରେ ପୂଜକ ଓ ପଣ୍ଡିତ ମାନଙ୍କ ଅଧିକାରକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଛଡ଼ାଇ ନେବାକୁ ସେମାନେ ଆଦୌ ସହ୍ୟ କରିପାରିଲେ ନାହିଁ। ଏ ନେଇ ତୀବ୍ର ଅସନ୍ତୋଷ ଓ ଚାପା ଉତ୍ତେଜନା ତଥା ଅଭାବନୀୟ ପ୍ରତିକ୍ରିୟା ଦେଖାଗଲା। ୧୮୫୭ରେ ପ୍ରୟାଗର ପୂଜକ ଓ ବିଦ୍ରୋହୀ ସିପାହୀମାନଙ୍କୁ ବ୍ରିଟିଶ ସେନା ପରାସ୍ତ କରିଦେବା ପରେ ପ୍ରବଳ ପ୍ରତାପୀ ବ୍ରିଟିଶ ସେନା ବିରୁଦ୍ଧରେ ସଙ୍ଗମ ସ୍ଥଳରୁ ପଳାତକ ହୋଇଥିବା ପଣ୍ଡିତ ଓ ପୂଜକମାନେ ବିଭିନ୍ନ ଗାଁ ଭ୍ରମଣ କରି ସେମାନଙ୍କର ଯଜମାନ ମାନଙ୍କୁ ଛଅ ବର୍ଷ ବ୍ୟବଧାନରେ ମାଘ ମେଳାକୁ ଅର୍ଦ୍ଧ କୁମ୍ଭ ବୋଲି ଜଣାଇବାର ଭାବନା ଜାଗ୍ରତ କଲେ। ପରିସ୍ଥିତି ଏପରି ହେଲା ଯେ ଜନତାଙ୍କର ଏଭଳି ପ୍ରଚଣ୍ଡ ଧାର୍ମିକ ବିଶ୍ୱାସକୁ ତତ୍କାଳୀନ ବ୍ରିଟିଶ ସରକାର ଗ୍ରହଣ କରିବାକୁ ପ୍ରକାରାନ୍ତରେ ବାଧ୍ୟ ହେଲେ। ଏହି ସମୟରେ ବ୍ରିଟିଶ ସରକାରଙ୍କ ଲିପିବଦ୍ଧ ତଥ୍ୟ ଆମେ ଏଠାରେ ଉଲ୍ଲେଖ କରୁଛୁ। ପ୍ରୟାଗରେ ପ୍ରଥମ କୁମ୍ଭର ଉଲ୍ଲେଖ ୧୮୬୮ ମସିହାରେ। ଆହ୍ଲାବାଦର ତତ୍କାଳୀନ ଜିଲ୍ଲା ଶାସକ ରିକେଟ ସାହେବଙ୍କ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା ଯେ - 'ଆଉ ପଚିଶ ମାସ ପରେ ୧୮୭୦ ମସିହାରେ ଏଠାରେ ସ୍ଥାନୀୟ ଲୋକ ମାନଙ୍କର ଏକ ବିଶାଳ ମେଳା ଅନୁଷ୍ଠିତ ହେବ। ଯାହାର ନାମ କୁମ୍ଭମେଳା। ଏହାର ଚାଳିଶ ବର୍ଷ ପୂର୍ବେ ମଧ୍ୟ ୧୮୨୮ ମସିହାରେ ଇଷ୍ଟ ଇଣ୍ଡିଆ ଗେଜେଟରେ ହରିଦ୍ୱାରରେ ୧୨ ବର୍ଷ ବ୍ୟବଧାନରେ କୁମ୍ଭମେଳା ଏବଂ ପ୍ରୟାଗରେ ବାର୍ଷିକ ମାଘ ମେଳା ବିଷୟରେ ଉଲ୍ଲେଖ ରହିଛି। ଆମେ ଏ ପ୍ରସଙ୍ଗରେ ଲିପିବଦ୍ଧ ଅନ୍ୟ ଏକ ତଥ୍ୟ ମଧ୍ୟ ଉଲ୍ଲେଖ କରିବାକୁ ପ୍ରୟୋଜନ ମନେ କରୁଛୁ ତାହା ହେଉଛି କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ୍ୟ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଓ ଗୁପ୍ତ ଯୁଗରେ ମଧ୍ୟ କୁମ୍ଭମେଳାର ଅସ୍ତିତ୍ୱ ଥିଲା। ଆଜିର ପ୍ରୟାଗରାଜରେ ଅନୁଷ୍ଠିତ ବିଶ୍ୱର ଏହି ବିରାଟ ବଡ଼ ଧାର୍ମିକ ସମାବେଶରେ ସମଗ୍ର ଭାରତ ଏକ ପ୍ରକାର ପ୍ରୟାଗରାଜରେ ଅଟକି ଯାଇଥିବାବେଳେ ସିପାହୀ ବିଦ୍ରୋହ ସମୟରେ ତତ୍କାଳୀନ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ମନମାନୀ, ଦୌରାତ୍ମ୍ୟ, ବାସ୍ତବିକ ବଡ଼ ଆଲୋଚ୍ୟ ପ୍ରସଙ୍ଗ।


+ଆବାହକ, ଚମ୍ପାନାରାୟଣ
ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର
ଗଡ଼ା, କଟକ,
ମୋ :୯୨୩୮୬୦୨୮୨୫


## କବିତା କୋଣାର୍କ



### ମାଗୁଣି ...

**ଲକ୍ଷ୍ମୀଧର ନାୟକ ଆଦିସ୍ୟ**

ଏଠି ପ୍ରହେଳିକାର ଘନଘୋର ରାତି !
ବିସ୍ମୃତିର ଅନ୍ଧକାର !
ଖୋଜିବାରେ ପାଇବାର ଛୁଇଁବାର
ବେଳ ନାହିଁ ଆଉ...
ଇଚ୍ଛା ବି ତ ନାହିଁ ।
ନିଃସୀମଙ୍କୁ ସସୀମ ଶରୀରେ ...
କଳ୍ପନାର ବନ୍ଦ ଅଳିନ୍ଦରେ...
ବାନ୍ଧି ଛନ୍ଦି କି ସୁଖ ପାଇବି ?
ଶକ୍ତି କାହିଁ ସାନ ସାନ
ଆଖି ଦୁଇଟିରେ-
ବ୍ୟାପ୍ତିଟିଙ୍କୁ ସଂକ୍ଷିପ୍ତିରେ
ଧରି ରଖୁଥିବି !

ଏ ଆଖି ଦୁଇଟି ତ ନିଷ୍ପ୍ରଭ ହେଲେଣି !
ସେ ଆଖି ଗୋଟାକୁ
ସ୍ଥିର କରିପାରୁନି ଚଞ୍ଚଳ ମନ !
ବୁଦ୍ଧି ଖାଲି ଛଟପଟ...
ଏପଟ ସେପଟ...
ମନ ସାଥେ ସାଙ୍ଗ ହେଇ
ତୁମକୁ ଦେଖୁନି !

ସ୍ନେହ ପ୍ରେମେ ଜର ଜର-
ତୁମ କୋଳ ଆଦର ପାଉନି !

ଥିଲା ସେଠି -
ମାତୃ ଗର୍ଭ ଜ୍ଞାନ ନିଃଶବ୍ଦ ଓଁକାର...
ଏଠି... ଭିଜା ଭିଜା ମଗ୍ନମାଟି
ମହକ ଫୁଲର... !
ସେଠି...ଦୁର୍ଲ୍ଲଭ ସାଧନାର
ମହାଶୂନ୍ୟ ଜ୍ୟୋତି...
ଏଠି... ସୁଲଭ ପ୍ରକୃତିର
ବିଚ୍ଛୁରିତ କାନ୍ତି.... !
ପୁଣି, ସର୍ଜନାର କମ୍ପନରୁ ସୃଷ୍ଟିର ବିସ୍ତୃତି
ଯାଏ, ମଗ୍ନ ଅନୁଭୂତି..
ଅପାର ପିରତି..!

କୃପା କର କରୁଣା ସାଗର !
ତୁମକୁ ମୁଁ ସାଉଁଟିବି ତୁମରି ସୃଷ୍ଟିରେ...
ସାଗର-ମନ୍ଥନ-ଧନ ବାଣ୍ଟୁଥିବି-
ମୁକ୍ତ ସ୍ୱରରେ ...
ତଲ୍ଲୀନ ହୃଦରେ...
ଝାରୁଥିବି ମଧୁହାସ୍ୟ
ଭରୁଥିବି ମଗ୍ନଲାସ୍ୟ

ଅଧରେ ଅଧରେ...
ପାଦରେ ପାଦରେ ।

ଶେଷ-ପାହାଚର ପ୍ରଭୁ
ନୀଳାଦ୍ରିମୋହନ... !
ଶେଷ-ପାହାଚରେ ଥାଇ
କରୁଚି ଜଣାଣ...
କୃପା ବହି କୃପାସିନ୍ଧୁ !
ଏ ମାଗୁଣି ଅନ୍ତରେ ଘେନିବ...
ଦୁର୍ଗତର ଜ୍ୱାଳା ଆଙ୍କି ଏ ଲେଖନୀ
ମଧୁକ୍ଷରା ହେବ...
ଶବ୍ଦବ୍ରହ୍ମ ସମତାର ହସ ବାଣ୍ଟୁ ବାଣ୍ଟୁ
ମହାକାଳ କେଉଁ କ୍ଷଣେ
ସ୍ଥିର କରିଦେବ...
ସଂସ୍କାରରେ କର୍ମଫଳ

ଯାହା ଯାଇଥିବ..
କେଉଁ ପୁଣ୍ୟ ମାତୃଗର୍ଭ ମନ୍ଦିରରେ
ଗଢ଼ି ହେଇ ନବ କଳେବର
ବିଚିତ୍ର ଏ ରଙ୍ଗମଞ୍ଚେ-
ଚିତ୍ରାୟିତ ନୂଆ ନୂଆ
ମୂର୍ଚ୍ଛନା ଝରିବ...
କୃପା କରି କୃପାସିନ୍ଧୁ !
ମାଗୁଣି ଘେନିବ...


+ସାହିତ୍ୟ ସାରାକାଳ
ବ୍ରହ୍ମ ଆଳୟ ନିତ୍ୟ ନିଳୟ
ଦେଉଳ ସାହି, ଓଲାଭର,
କେନ୍ଦ୍ରାପଡ଼ା ,
ମୋ- ୬୩୭୧୩୮୯୮୭୧


### ମୁଁ ଦେଖୁଛି ...

**ଶ୍ରୀଧର ବେହେରା**



ମୁଁ ଦେଖୁଛି ଏଠି ମହାଭାରତ ଯୁଦ୍ଧ
ମୁଁ ଶୁଣିଛି ଏଠି ଜୟବିଜୟର ଶବ୍ଦ
ମୁଁ ଦେଖୁଛି ଏଠି ଭୟର ବିଭୀଷିକା
ମୁଁ ଦେଖୁଛି ଏଠି ଆନନ୍ଦର ଚନ୍ଦ୍ରିକା
ମୁଁ ଦେଖୁଛି ଏଠି ସୂର୍ଯ୍ୟର ଆଲୋକ
ମୁଁ ଦେଖୁଛି ଏଠି ଅନ୍ଧାରର ଝଲକ

ମୁଁ ଦେଖୁଛି ଏଠି ଅକୁହା ବେଦନା
ମୁଁ ଦେଖୁଛି ଏଠି ନୂତନ ଉନ୍ମାଦନା
ମୁଁ ଦେଖୁଛି ଏଠି ଆଶାର ପ୍ରତ୍ୟୁଷ
ମୁଁ ଦେଖୁଛି ଏଠି ନିରାଶର ପ୍ରଦ୍ୟୁଷ

ମୁଁ ଦେଖୁଛି ଏଠି ସତ୍ୟର ସନ୍ଦେଶ
ମୁଁ ଦେଖୁଛି ଏଠି ମିଥ୍ୟାର ଆଭାସ

ମୁଁ ଦେଖୁଛି ଏଠି ଜ୍ଞାନର ପରିଧି
ମୁଁ ଦେଖୁଛି ଏଠି ଅଜ୍ଞାନର ବାରିଧି
ମୁଁ ଦେଖୁଛି ଏଠି କରୁଣର ପ୍ରୀତି
ମୁଁ ଦେଖୁଛି ଏଠି ବିରହର ଜ୍ୱାଳା
ମୁଁ ଦେଖୁଛି ଏଠି ଅହମିକାର ଅଟ୍ଟାଳିକା
ମୁଁ ଦେଖୁଛି ଏଠି ସରଳତାର ପ୍ରହେଳିକା

ମୁଁ ଦେଖୁଛି ଏଠି ସଂସ୍କୃତିର ପ୍ରତିମୂର୍ତ୍ତି
ମୁଁ ଦେଖୁଛି ଏଠି ମନୁଅନ୍ତ କୃତି ସ୍ମୃତି
ମୁଁ ଦେଖୁଛି ଏଠି ଯୁବଶକ୍ତିର ଉତ୍ସାହ
ମୁଁ ଦେଖୁଛି ଏଠି ମୁଷ୍ଟିମେୟଙ୍କ ନିରୁତ୍ସାହ

ମୁଁ ଦେଖୁଛି ଏଠି ନାରୀ ସହନଶୀଳତା
ମୁଁ ଦେଖୁଛି ଏଠି ସମାଜର ନିଷ୍ଠୁରତା
ମୁଁ ଦେଖୁଛି ଏଠି ଉଲ୍ଲାସର ବାତାବରଣ
ମୁଁ ଦେଖୁଛି ଏଠି ବିଷାଦର ଅବତରଣ।


+ଅଧ୍ୟାପକ ଓଡ଼ିଆ ଭାଷା ଓ
ସାହିତ୍ୟ ବିଭାଗ
ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା
ମୋ:୯୩୩୭୬୫୩୫୬୬

## କବିତା
ତୁମ ପାଇଁ

### ବଢ଼ଇ ନିଜର ମାନ
**କୀର୍ତ୍ତନ ସାହୁ**

ପାଠ ବେଳେ ପାଠ ଖେଳ ବେଳେ ଖେଳ
ତା ସହିତ ଅନ୍ୟ କାମ
ଆବଶ୍ୟକ ମତେ ଯିଏ କରିଥାଏ
ସିଏ ରଖେ ଭଲ ନାମ ।

ଅନ୍ୟ କାମ ଛାଡି ଖାଲି ପାଠ ପଢା
କରି ଥାଏ ଯେଉଁ ପିଲା
ସମୟ ଆସଇ ସେହି ପିଲାଟିର
ସବୁ କାମ ହୁଏ ଢିଲା ।

ସାଙ୍ଗ ସାଥୀ ସହ ଖେଳ ଖେଳୁଥିଲେ
ସୁସ୍ଥ ରହେ ଦେହ ମନ
ଏକୁଟିଆ ଖେଳ ଖେଳିଲେରେ ଜମା
ମିଳେନା ଅସଲ ଧନ ।

ପାଠ ବହି ସହ ପତ୍ରପତ୍ରିକାକୁ
ପଢ଼ିଲେ ବଢ଼ଇ ଜ୍ଞାନ
ବିଭିନ୍ନ ଲୋକଙ୍କ ସହ ମିଶିଲେରେ
ବଢ଼ଇ ନିଜର ମାନ।

ସବୁ କାମ ଛାଡି ଖାଲି ପାଠପଢା
କେବେ ଭଲ ହୁଏ ନାହିଁ
ତାଳ ମେଳ ରଖି ନାନା କାମ କଲେ
ବିକାଶ ହିଁ ହୋଇ ଥାଇ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧



### ଜଳବାୟୁ ହୁଏ ପରିବର୍ତ୍ତନ
**ନୀଳମଣି ଚାନ୍ଦ**

ଜଳବାୟୁ ହୁଏ ପରିବର୍ତ୍ତନ
ସମ୍ବାଦପତ୍ରରୁ ପଢ଼ି କୀର୍ତ୍ତନ
ମନରେ ଭାବେ
ଏମିତି ସମସ୍ୟା ନ ଥିଲା ଆଗେ।

ପ୍ରଥମେ ତ ଥିଲା ବରଫ ଯୁଗ
ତା ପରେ ଆସିଲା ଉଷ୍ଣ ଯୁଗ
ଜଳବାୟୁଟି
ବଦଳେ ଏକଥା ମିଛ ନୁହଁଟି।

ହେଲେ ତାର ପରିବର୍ତ୍ତନ ପାଇଁ
ମଣିଷ ଦାୟୀରେ ମଣିଷ ଦାୟୀ
ସମସ୍ୟା କରେ
ନ ଚିନ୍ତି ସମାଧାନକୁ ମନରେ।

ହେଲେ ସମାଧାନ ତା ହାତେ ନାହିଁ
ମଥା ହୋଇଯାଏରେ ଝାଇଁ ଝାଇଁ
ପ୍ରଦୂଷଣ
ଆଣୁଛି ବିପତ୍ତି କେତେ ଯେ କ'ଣ।

ତାପମାତ୍ରାରେ ଫରକ ପଡୁଛି
ଅଙ୍ଗାରକାମ୍ଳର ଭାଗ ବଢୁଛି
ଜୀବନ ପିତା
ଏ ପରିବର୍ତ୍ତନ ବିଶ୍ୱକୁ ଚିନ୍ତା।

ସମସ୍ତେ ଏ ପାଇଁ ଦେଲେ ଧ୍ୟାନ
ବଢ଼ିବ ଆମରି ଜୀବନ ମାନ
ସୁନ୍ଦର ବିଶ୍ୱ
ରହିବ ବଢ଼ିଆ ନହୋଇ ନାଶ।

+ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

### ମାରନାହିଁ ଭାଇରେ
**ନିରଞ୍ଜନ ପତି**

ମାରନା ମାରନା ମତେ
ଦିଅନାହିଁ ହାଣି
ଶୁଖିଯାଏ ତଣ୍ଟି ପାଟି
ଦିଅ ଟୋପେ ପାଣି ।

କଅଁଳ ଶିଶୁଟି ମୋର
ଖୋଜୁଥି ମତେ
ଛଟପଟ ହେଉଥିବ
କ୍ଷୀର ପାଇଁ କେତେ ।

ବିକିଚି ମାଲିକ ମତେ
ଟଙ୍କା କେତେ ପାଇଁ
ପାଳି ପୋଷି ରଖିଥିଲା
ମନେ ଦୟା ନାହିଁ ।

ପିଲା ମୋର କାନ୍ଦୁଥିବେ
ମତେ ଝୁରି ଝୁରି
ହାଣନାହିଁ ଭାଇ ମତେ
ଲୁଚାଅ ସେ ଛୁରି ।

କିଲାଭ ପାଇବ ଖାଇ
ମୋର ମାଂସ ହାଡ
ଆମିଷ ଖାଇବା ଆଶା
ଚିରଦିନ ଛାଡ ।

ମୋ ପରି ନିରୀହ ଜୀବ
କର ନାହିଁ ନାଶ
ସୁଖରେ କଟିବ ନୂଆ
ବରଷ ଓ ମାସ ।

ଛେଳିଟିର ଲୁହଦେଖି
ବଦଳିଲା ମନ
ଶପଥ କରିଲା ଜୀବ
ମାରିବିନି ଘନ।

ବେକରୁ କାଢିଲା ପଘା
ଚାଲିଗଲା ଛେଳି
ମାଆ ଛୁଆ ଭେଟହେଇ
ହେଲେ କୋଳାକୋଳି ।

+କୁଞ୍ଜର, ସଙ୍ଗଲାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ପ୍ରତୀକ୍ଷା



**କନ୍ଦର୍ପ ବେହେରା**

ଥରେ ଭଗବାନ ବୁଦ୍ଧ ଭ୍ରମଣ କରୁଥିଲେ । ଏମିତି ଭ୍ରମଣ କରୁ କରୁ ଥକି ଗଲେ । ଶୋଷ ହେଲା ବହୁତ । କରିବେ କଣ ଚିନ୍ତାରେ ପଡିଗଲେ ବୁଦ୍ଧ । ତାଙ୍କର ଶିଷ୍ୟ ଥିଲେ ଆନନ୍ଦ ନାମକ ଜଣେ ବ୍ୟକ୍ତି । ଭଗବାନ ବୁଦ୍ଧ ତାଙ୍କୁ ପାଣି ଆଣିବା ପାଇଁ ନିର୍ଦ୍ଦେଶ ଦେଲେ । ଭଗବାନଙ୍କର ଆଦେଶ ମାନି ଶିଷ୍ୟ ଆନନ୍ଦ ଆଶ୍ରମ ପାଖରେ ଥିବା ଝରଣା ପାଖକୁ ଗଲେ । ଝରଣାଟି କୁଳୁକୁଳୁ ହୋଇ ବହିଯାଉଥାଏ । ସତରେ ନିରବତାକୁ ଭଙ୍ଗ କରୁଥାଏ ଝରଣା । ସେ ଝରଣାର ପାଣି ମଇଳା ହେଇଥିବାର ଦେଖିଲେ । ସେଇ ଝରଣାର ପାଣିକୁ ଜଙ୍ଗଲର କିଛି ଜୀବଜନ୍ତୁ ଅପରିଷ୍କାର କରିଦେଇଥାନ୍ତି । ସେଇ ଅପରିଷ୍କାର ଝରଣାର ପାଣିକୁ ନ ଆଣି ଫେରିଆସିଲେ ଭଗବାନ ବୁଦ୍ଧଙ୍କ ପାଖକୁ ।

ଶିଷ୍ୟ ଆନନ୍ଦ ଭଗବାନ ବୁଦ୍ଧଙ୍କ ପାଖକୁ ଖାଲି ହାତରେ ଆସି କହିଲେ -ହେ ପ୍ରଭୂ ! ଝରଣାର ପାଣି ବହୁତ ଅପରିଷ୍କାର । ସେଇ ପାଣିକୁ ଆଣି ଆପଣଙ୍କୁ ପାନ କରିବାକୁ ଦେବାକୁ ମୋର ବିବେକ ମନା କଲା । ସେଇ ଅପରିଷ୍କାର ପାଣି ଆଣିଲିନି ପ୍ରଭୂ !

ଭଗବାନ ବୁଦ୍ଧ କହିଲେ –ତୁମେ ଯାଅ ସେଇ ଝରଣାର ପାଣି ଆଣ ।

ଆନନ୍ଦ ଦ୍ୱିତୀୟ ଥର ପୁଣି ଗଲେ ସେଇ ଝରଣା କୂଳକୁ । ପୁଣି ଝରଣାର ପାଣି ସେମିତି ଅପରିଷ୍କାର ଦିଶୁଥାଏ । ଫେରି ଆସିଲେ । ଏମିତି ତିନିଥର ପାଣି ଆଣିବା ପାଇଁ ଝରଣା କୂଳକୁ ଗଲେ ଶିଷ୍ୟ ଆନନ୍ଦ । ଅପରିଷ୍କାର ପାଣି ଦେଖି ବାରମ୍ବାର ବୁଦ୍ଧଙ୍କ ପାଖକୁ ଫେରି ଆସି ଏହାର କାରଣ କହିଲେ ।

ଭଗବାନ ବୁଦ୍ଧ ଟିକିଏ ନିରବ ରହି କହିଲେ ହେ ବାଳକ - ତୁମେ ଯାଅ ଏଥର । ଝରଣା ପାଣି ନିଶ୍ଚୟ ସ୍ୱଚ୍ଛ ଦିଶୁଥିବ । ଆଉ ସଫା ହୋଇଯାଇଥିବ । ଧରିଥିବା ପିତଳ ପାତ୍ରରେ ଶିଷ୍ୟ ପାଣି ଆଣିଲେ ଭଗବାନ ବୁଦ୍ଧଙ୍କ ପାଇଁ ।

ଭଗବାନ ପାଖରେ ପହଂଚିଲେ ଶିଷ୍ୟ ଆନନ୍ଦ । ଭଗବାନ ବୁଦ୍ଧଙ୍କ ହାତକୁ ବଢାଇ ଦେଲେ ପାଣିଥିବା ପିତଳପାତ୍ରକୁ । ଭଗବାନ ଖୁସିରେ କୁରୁଳି ଉଠିଲେ । ଶିଷ୍ୟଙ୍କୁ ପିଠିରେ ଥାପୁଡେଇ ଦେଲେ ।

ବୁଦ୍ଧ ବାଳକ ଆନନ୍ଦକୁ କହିଲେ- ଆମେ ବଂଚିବା ପାଇଁ ଝରଣାର ପାଣି ଆବଶ୍ୟକ । ଯିଏ ଏ ପାଣିକୁ ଅପରିଷ୍କାର କରୁଛି କରୁ ତାଙ୍କୁ ଆମେ କିଛି କହିବାର ନାଇଁ । ତାର ମଧ ଅଧିକାର ଅଛି ଏଇ ପାଣିରେ । ପ୍ରକୃତିର ଦାନ ଏହି ଝରଣା ପାଣି । ଦିନେନା ଦିନେ ନିଶ୍ଚୟ ସଫା ଦିଶିବ ଓ ଆମେ ତାର ପାଣିକୁ ପାନ କରିବା । ଅପରିଷ୍କାର ପାଣି ଆସିଲା ବୋଲି ଆମେ ଝରଣା କୂଳରୁ ପଳାୟନ କରିବା ଠିକ୍ ନୁହଁ । ପ୍ରତୀକ୍ଷା କରିବା ସ୍ୱଚ୍ଛ ପାଣି ଆସିବା ଯାଏଁ । ପ୍ରତୀକ୍ଷାର ଫଳ ମିଠା । ଅଧର୍ଯ୍ୟ ହେବା ଆଦୌ ଠିକ୍ ନୁହଁ ।

ହେ ବାଳକ, ତୁମେ ମୋ କଥାକୁ ମନ ଦେଇ ଶୁଣି କାର୍ଯ୍ୟରେ ଲଗାଇଥିବାରୁ ଶେଷରେ ସଫା ପାଣି ମୁନ୍ଦାଏ ପାଇ ପାରିଲ । ଧୈର୍ଯ୍ୟ ଧରି ବହୁ ସମୟ ଝରଣାରୁ ସ୍ୱଚ୍ଛ ପାଣି ମୁନ୍ଦାଏ ମୋ ପାଇଁ ଆଣିଥିବାରୁ ଧନ୍ୟବାଦର ପାତ୍ର । ଏହି ଝରଣାର ପାଣିକୁ ଉଦାହରଣ ଦେଇ ଭଗବାନ ବୁଦ୍ଧ ବାଳକ ଆନନ୍ଦକୁ କହିଲେ ଶାନ୍ତ ଏବଂ ଆନନ୍ଦ ହେଉଛି ମନୁଷ୍ୟର ସ୍ୱଭାବ । ପ୍ରତ୍ୟେକ ମଣିଷ ଧୈର୍ଯ୍ୟ ଧରିବା ଉଚିତ୍ । କୌଣସି କାମ କଲା ବେଳେ ଆଶା ରଖିବା ଠିକ୍ ନୁହଁ । ଆମେ ଠିକ୍ କାମ କରୁଛନ୍ତି ମାନେ ଫଳ ନିଶ୍ଚୟ ମିଳିବ । କୌଣସି କାମର ସଫଳତା ପାଇଁ ଅପେକ୍ଷା କଲେ ଫଳ ମିଠା ଲାଗେ । ଏହା କହି ଭଗବାନ ବୁଦ୍ଧ ଶିଷ୍ୟଠାରୁ ବିଦାୟ ନେଇ ଚାଲିଗଲେ ।

+ କବି କୁଟୀର,ଡଇଁଚା,
ରେଢାଖୋଲ,
ସମ୍ବଲପୁର , ପିନ୍-୭୬୮୧୦୬
ମୋ-୭୦୭୭୫୭୯୩୧୭



### ରବିବାର ଅଟେ ତାଙ୍କ ପ୍ରିୟଦିନ
**ପ୍ରଦୀପ୍ତ କୁମାର ଦାସ**

ନିତି ପ୍ରଭାତରେ ପୂରୁବ ଗଗନେ
ବୁଣିଦେଇ ନାଲି ମୁରୁଜ -
ସଭିଏଁ ଉଠିବା ଆଗୁ ଉଠିପଡ଼ି
ଉଭା ହୋଇଯାନ୍ତି ସୁରୁଜ,
ଧିରେ ଧିରେ ସେତ ଆଗକୁ ବଢନ୍ତି
ଚଢ଼ି ସପ୍ତଅଶ୍ୱ ରଥରେ -
ଅହରହ ସେଯେ କରନ୍ତି ଭ୍ରମଣ
ଶୂନ୍ୟ ମହାକାଶ ପଥରେ,
ସକଳ ଶକ୍ତିର ଆଧାର ସେ ପରା
ଗ୍ରହ ମାନଙ୍କର ରାଜନ -
ରୋଗ ଦ୍ୱେଷାଦିକୁ କରିଣ ହରଣ
ହୋଇଥାନ୍ତି ଶ୍ରଦ୍ଧା ଭାଜନ,
ଅନ୍ଧାରକୁ ଶେଷ କରିଥାନ୍ତି ବୋଲି
ନାମ ତାଙ୍କ ଦିବାକରତ -
ଧରାରେ ରାଜୁତି କରୁଥିବା ଯୋଗୁଁ
ଅଟନ୍ତି ଭୁବନେଶ୍ୱରତ,
ରବିବାର ଅଟେ ତାଙ୍କ ପ୍ରିୟଦିନ
ଏହିଦିନ ପୂଜା ପାଆନ୍ତି -
ପ୍ରତ୍ୟକ୍ଷ ଦେବତା ଭାବେ ସିଏ ଜଣା
ଆମ ପାଶେ ସଦା ଥାଆନ୍ତି।

+କଣ୍ଠାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର
ମୋ - ୯୪୩୭୮୫୪୧୭୫

### ଗୁଡ଼ି...
**ଗୋପୀନାଥ ଦାଶ**

ଇଂରାଜୀରେ ନାମ କାଇଟ ଅଟେ ସେ
ପତଙ୍ଗ ଅଟେ ହିନ୍ଦୀରେ
ଓଡ଼ିଆରେ ନାମ ଗୁଡ଼ି ଅଟେ ତାର
ହର୍ଷରେ ଉଡ଼ାନ୍ତି ପିଲେ।

ଗୋଜିଆ ମୁହଁଟି ଡେଣା ଦୁଇ ଦେହେ
ଲାଞ୍ଜ ଲମ୍ବିଛି ତା ପଛରେ
ଜରି ବା କାଗଜେ ଗଢ଼ା ଦେହ ତାର
ବାଉଁଶ ପାତିଆ ପେଟରେ।

ସର ସର ଫର ଉଡେ ଉଚ୍ଚରେ
ଭାସୁଥାଏ ପବନରେ
ଶିକୁଳି ତାହାର ସୁତା ଖିଆଟିଏ
ଲଗାମ ପିଲାର ହାତରେ।

ଖୋଲା ପଡିଆରେ ଗୁଡିଉଡା ଖେଳ
ଆନନ୍ଦ କହିଲେ ନ ସରେ
ଗୁଡ଼ି କଟା କଟି ଉତ୍କଣ୍ଠା ଅସୀମ
ଖେଳିବା ସଭିଏଁ ଆସରେ।

+ବରପାଲିପଡ଼ା, ବଲାଙ୍ଗିର,
ମୋ: ୬୩୭୧୮୦୫୦୭୦



## ରାଜୁର ଚଷମା



**ପ୍ରଦ୍ୟୁମ୍ନ ପଟ୍ଟନାୟକ**



ରାଜୁର ଜେଜେ ସବୁଦିନ ଗାଧୋଇ ଆସି ଠାକୁର ଘରେ ପୂଜା କରିବାକୁ ବସନ୍ତି । ଫୁଲ ଚନ୍ଦନ ଦେଇ ଦେବ ଦେବୀଙ୍କ ମୂର୍ତ୍ତି ସଜାଇବା ପରେ ଧୂପ ଦୀପ ଜଳାଇ ଭୋଗ ଲଗାନ୍ତି । ତା' ପରେ ତାଙ୍କର ଗୋଟିଏ ଅଧ୍ୟାୟ ଗୀତା ଭାଗବତ ପଢ଼ିବା ଅଭ୍ୟାସ । ସେଦିନ ଭୋଗ ଲଗାଇ ସାରି ଜେଜେ ରାଜୁକୁ କହିଲେ ତାଙ୍କ ପଢ଼ା ଟେବୁଲ ଉପରେ ଥିବା ଚଷମାଟି ଆଣି ଦେବାକୁ । ରାଜୁ ଧାଇଁ ଯାଇ ଜେଜେଙ୍କ ଚଷମା ନେଇ ଆସିଲା । ଜେଜେ ଭାଗବତ ଗୋଟିଏ ଅଧ୍ୟାୟ ପଢିଲେ । ବୁଝୁ କି ନ ବୁଝୁ ତାଙ୍କ ପାଖରେ ବସି ରାଜୁ ଶୁଣୁ ଥାଏ । ତା'ର କିନ୍ତୁ ଧ୍ୟାନ ଥାଏ ଜେଜେ କେତେବେଳେ ପୂଜା ସାରି ତାକୁ କଦଳୀ, ଲଡୁ, ଉଖୁଡ଼ା ଭୋଗ ଦେବେ ଖାଇବାକୁ ।

ଭୋଗ ଖାଇଦେଇ ରାଜୁ ପଚାରିଲା, "ଜେଜେ ତୁମେ କ'ଣ ଛୋଟ ବେଳୁ ଚଷମା ପିନ୍ଧୁଛ ?"

ଜେଜେ କହିଲେ, "ନା ମୋର ଛୋଟ ବେଳୁ ଚଷମା ପିନ୍ଧିବା ଦରକାର ନଥିଲା । ମୋତେ ପଚାଶ ବର୍ଷରୁ ଅଧିକ ହେବାରୁ ପଢ଼ା ପଢି କରିବା ପାଇଁ ଚଷମା ବ୍ୟବହାର କରିବାକୁ ପଡ଼ିଲା ।"

ରାଜୁ କହିଲା, 'ଜେଜେ ମୋତେ ବି ବେଳେ ବେଳେ ପଢିବାକୁ ଅସୁବିଧା ହେଉଛି । ଦୂରରେ କଳାପଟାରେ ଶିକ୍ଷକ ଲେଖୁଥିବା ପାଠ ମୋତେ ଭଲ ଭାବରେ ଦେଖା ଯାଉନାହିଁ । ମୋତେ କ'ଣ ତୁମ ଭଳିଆ ଚଷମା ପିନ୍ଧିବାକୁ ପଡିବ ?"

ଜେଜେ ରାଜୁର କଥାଶୁଣି ତାକୁ ଜଣେ ଆଖି ଡାକ୍ତରଙ୍କ ପାଖରୁ ନେଇଗଲେ । ଡାକ୍ତର ଆଖି ପରୀକ୍ଷା କରି କହିଲେ ରାଜୁକୁ ଚଷମା ଲଗାଇବାକୁ ପଡ଼ିବ । ଲମ୍ବା ସମୟ ଧରି ଟିଭି ଏବଂ ମୋବାଇଲ ଦେଖିବା ଫଳରେ ତା' ଆଖି ଦୁର୍ବଳ ହୋଇ ଆସୁଛି । ତା' ବ୍ୟତୀତ ତାକୁ ଯଥେଷ୍ଟ ପରିମାଣର ସବୁଜ ପନିପରିବା ଶାଗ ଶିମ୍ବ ଆଦି ଖାଇବାକୁ ପଡ଼ବ । ରାଜୁ ଛୋଟ ବେଳୁ ଆମିଷ ପ୍ରିୟ । ମାଛ,ମାଂସ, ଅଣ୍ଡା ବ୍ୟତୀତ ତାକୁ ଆଳୁ, ମଟର, ଛେନା ଆଦି ଖାଦ୍ୟ ଭଲ ଲାଗେ । ଶାଗ, ଶିମ୍ବ, କଲରା ଆଦି ସବୁଜ ପରିବା ତାକୁ ଭଲ ଲାଗେ ନାହିଁ । ମ୍ୟାଗି, ପିଜା, ବରଗର ଆଦି ଖାଇବାରେ ତାର ସଉକ । ଦୁଧ ଦହି ଖାଇବାକୁ ପସନ୍ଦ କରେ ନାହିଁ।

ଆଖି ଡାକ୍ତର ସବୁ କଥା ଜାଣିବା ପରେ ରାଜୁ ପାଇଁ ଗୋଟିଏ ଚଷମା ତିଆରି କରାଇ ଦେଲେ । ଆଖିରେ ପକାଇବାକୁ ଔଷଧ ଦେଇ କହିଲେ, 'ନିୟମିତ ଦୁଧ ଦହି ସହ ସବୁଜ ପନିପରିବା ଖାଇବାକୁ ଓ ଡାକ୍ତରଙ୍କ କଥା ମାନି ରାଜୁ ନୂଆ ବର୍ଷ ଆରମ୍ଭରୁ ପାଳଙ୍ଗ, ମେଥି, କୋଶଳା ଆଦି ଶାଗ ସହ ଭେଣ୍ଡି, ଶିମ୍ବ, ଆଦି ସବୁଜ ପରିବା ଖାଇବାକୁ ଲାଗିଲା । ସେ ଛୁଟି ସରିବା ପରେ ତା' ବାପା ମା'ଙ୍କ ପାଖକୁ ଫେରିଯିବା ପୂର୍ବରୁ ଜେଜେଙ୍କୁ କହିଗଲା ଯେ ଡାକ୍ତରଙ୍କ କହିବା ଅନୁଯାୟୀ ସେ ସୁଷମ ଖାଦ୍ୟ ଖାଇବ । ଅଧିକ ସମୟ ଟିଭି ମୋବାଇଲ ଦେଖିବ ନାହିଁ ।

ଜେଜେ କହିଲେ ଆଖି ଦୁଇଟି ଅମୂଲ୍ୟ ସମ୍ପଦ । ତା'ଦ୍ୱାରା ଆମେ ସାରା ଦୁନିଆକୁ ଦେଖିପାରୁ । ଆଖି ନଥିବା ଲୋକଙ୍କୁ ସାରା ଦୁନିଆ ଅନ୍ଧାର ଦେଖାଯାଏ । ସିଏ କିଛି ଦେଖି ପାରେନାହିଁ । ତେଣୁ ଆମର ଆଖି ପ୍ରତି ଯତ୍ନ ଦେବା ଦରକାର ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ
ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

### 'ଇଛା ହୁଏ ମୋତେ ଖେଳିବା ପାଇଁ'
**ଅନନ୍ତ କୁମାର ସେନାପ**

ଇଛା ହୁଏ ମୋତେ ଖେଳିବା ପାଇଁ
ଖେଳୁ ଖେଳୁ କେବେ ପଡିଗଲେ ତଳେ
ଧନ ବୋଲି କହି ଆଇଟି ମୋହର
ନେଲେ କୋଳେଇ ।
ଇଛା ହୁଏ ମୋତେ ଭାଙ୍ଗିବା ପାଇଁ
ଭାଙ୍ଗୁ ଭାଙ୍ଗୁ କେବେ ହାତେ ବାଜିଗଲେ
ଏପରି କରନି ଅଜା ଆସି ମୋତେ
ଦେଲେ ବୁଝାଇ ।
ଇଛା ହୁଏ ମୋର ଦଉଡ଼ି ଯାଇ
କଅଁଳ ପାଖୁଡା ଛୁଇଁବା ପାଇଁ
ମାମୁଁ ତ କହନ୍ତି ଛୁଇଁ ଦିଅ ପଛେ
ଛିଡାଅ ନାହିଁ ।
ଗୁଣୁ ଗୁଣୁ ଗୀତ ଗାଇବା ପାଇଁ
କେବେ ଇଛା ପୁଣି ଶୁଣିବା ପାଇଁ
ମାଉସୀ କହନ୍ତି ଇଛାଟି ତୁମର
ଝଡାଅ ନାହିଁ ।
ଇଛା ହୁଏ ମୋର ଧରିବା ପାଇଁ
ଧରୁ ଧରୁ କେବେ ଆଘାତ ଲାଗିଲେ
କାନ୍ଦ ମୋର ଶୁଣି ସବୁ କାମ ଛାଡ଼ି
ଆସନ୍ତି ମାଇଁ ।
ଇଛା ହୁଏ ଟିକେ ଶୋଇବା ପାଇଁ
ନିଦ ମାଉସୀକୁ ପାଇବା ପାଇଁ
ଝୁଲି ଝୁଲି କେବେ ଆଖି ପତା ମୋର
ଯାଅଇ ନଇଁ ।
ଯେତେବେଳେ ଯେଉଁ ଇଛାଟି ହୁଏ
ପାଖରେ ମୋହର ମାଆଟି ଥାଏ
ସବୁ ଅଝଟ ମୋ ପୂରଣ ହୁଏ
ତାହାରି ପାଇଁ ।

+ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୫୨୨୫

### ହସୁଥିବି ଫୁଲ ଭଳି
**ଅଶୋକ କୁମାର ପ୍ରଧାନ**

ମାଆ ବୀଣାପାଣି ହେ ହଂସବାହିନୀ
ଗୁହାରୀ ମୋ ଶୁଣ ଥରେ
ବିଦ୍ୟା ବୁଦ୍ଧି-ଧନ ଭରି ଦିଅ ମାଆ
ମୋ ଏ ଟିକି ହୃଦୟରେ।
କେମିତି ତୁମକୁ ପୂଜା କରାଯାଏ
ତାହା ମୁଁ ପାରେନା ଜାଣି
ହେଲେ ତୁମ ଲାଗି ଆଣିଛି ଯତନେ
ସାଥିରେ ମୁଁ ଗଙ୍ଗା ପାଣି।
ନଡ଼ିଆ କଦଳୀ ଧୂପ ଦୀପ ଘିଅ
ତୁମ ପ୍ରିୟ ଭୋଗ ବୋଲି
ଯତନେ ସେ ସବୁ ସାଇତି ରଖିଛି
ଭରି କରି ଭୋଗ ଝୋଲି।
ପୂଜିବି ମା' ଆଜି ମୋ ହୃଦ ଫୁଲରେ
ଭକତି ସୁବାସ ବୋଳି
ତୁମ ଛୁଆ ବୋଲି ମୋତେ ତୁମ କୋଳେ
ନେବ କି ଆଦରେ ତୋଳି।
ଦୂରେଇ ଦେବ କି ମାଆ ମୋ ହୃଦରୁ
ରାଗ ଅଭିମାନ ହିଂସା
ତୁମରି ଆଶିଷ ପାଇଲେ ମୁଁ ମାଆ
ପାଇବି ଜୀବନ ଦିଶା।
ନ କଲେ ନ କର କବି କାଳିଦାସ
ଭଲ ମଣିଷଟେ କର
ତୁମରି କୃପାରୁ ମୋ ହୃଦୁ ଝରୁ ମା '
ଜ୍ଞାନର ଅମୃତ ଝର।
ଜଗତ ହିତରେ ମୋ ଜୀବନ ବିତୁ
ମୋର ଏଇ ତକ ଅଳି
ତୁମ ପାଦ ତଳେ ଚିତ୍ତ ମୋ ରଖିକି
ହସୁଥିବି ଫୁଲ ଭଳି।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ବିମଳା ନାଟ୍ୟସଂସଦର ରୌପ୍ୟଜୟନ୍ତି ଉଦ୍‌ଯାପନ ଉତ୍ସବ ସମାରୋହ




ଭଦ୍ରକ, ୭/୨ (ନି.ପ୍ର): ବିମଳା ନାଟ୍ୟସଂସଦ ରୌପ୍ୟ ଜୟନ୍ତିର ଉଦ୍‌ଯାପନି ଦିବସରେ ଶ୍ରୀଯୁକ୍ତ ଚିତ୍ତରଂଜନ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବର୍ତ୍ତମାନର ଭଣ୍ଡାରିପୋଖରି ବିଧାୟକ ସଂଜୀବ୍ ମଲ୍ଲିକ, ମୁଖ୍ୟବକ୍ତା ପ୍ରାକ୍ତନ୍ ଅଧକ୍ଷ ଧାମନଗର ମହାବିଦ୍ୟାଳୟ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମଞ୍ଜୁଲତ ମଣ୍ଡଳ ପୂର୍ବତନ ସାଂସଦ, ମୁକ୍ତିକାନ୍ତ ମଣ୍ଡଳ ପୂର୍ବତନ ବିଧାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ, ଅଧକ୍ଷା ଭଦ୍ରକ ପୌରପରିଷଦ ଗୁଲ୍‌ମକ୍କି ଦଲୱାଜି ହବିବ୍, ଅଧକ୍ଷା ପଂଚାୟତ ସମିତି, ଭଦ୍ରକ ଉର୍ମିଳା ନାୟକ, ସମ୍ମାନିତ ବକ୍ତା ଅମୃତ ଦର୍ଶନର ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ, ଦେବିଦତ୍ତା ମହାନ୍ତି ସଭାପତି ମହିଳା, ବିଜୁ ଜନତା ଦଳ ଭଦ୍ରକ ବ୍ଲକ, ଚଳଚିତ୍ର ସଂଳାପକାର ଡକ୍ଟର ରଜନୀ ରଂଜନ ଦାସ, ନାଟ୍ୟକାର ଓ ଚଳଚିତ୍ର ନିର୍ଦ୍ଦେଶକ ବିଜୟ ଦାସ ନିଜ ନିଜର କଳା ସମ୍ପର୍କୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ କଳା ଓ ସମାଜ ସେବା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଉପଢ଼ୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସେମାନେ ହେଲେ, ମଞ୍ଜୁଲତା ମଣ୍ଡଳ, ପୂର୍ବତନ ସାଂସଦ, ଶକ୍ତିଶଙ୍କର ବରାଳ ନାଟ୍ୟ ଓ ଚଳଚିତ୍ର ନିର୍ଦ୍ଦେଶକ, ବିଷ୍ଣୁପ୍ରୀୟା ସ୍ୱାଇଁ ମଂଚ ଓ ଚଳଚିତ୍ର, ଶଶିକଳା ମିଶ୍ର, କଣ୍ଠ, ଶଶିଭୂଷଣ ପଣ୍ଡା ଅଧିବକ୍ତା ଓ ସମାଜସେବି ଶୁଶ୍ରୀ ଅନିତା ନାୟକ, କବୟିତ୍ରୀ, ସଂଧାରାଣୀ ବେହେରା ମଂଚ ଅଭିନେତ୍ରୀ, ରବିନାରାୟଣ ଖିଲାର ସାମ୍ବାଦିକ ସମୂହକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୌରାଙ୍ଗ ଚନ୍ଦ୍ର ବାରିକ ଓ ସ୍ୱରୂପାନନ୍ଦ ମହାପାତ୍ରଙ୍କ ନାଟ୍ୟ ପରିଚାଳନାରେ ବିଜୟ ଦାସ ରଚିତ ଇଂ ଅଶୋକ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ପ୍ରଦ୍ୟୋତନ ସୁଆରଙ୍କ ସହ ନିର୍ଦ୍ଦେଶନାରେ ନାଟକ। "ମୁଁ ରାବଣ କହୁଛି" ସଂଗୀତ ରାମନାରାୟଣ ପଣ୍ଡା ନିର୍ଦ୍ଦେଶିତ ନାଟକଟି ମଂଚସ୍ଥ ହୋଇଥିଲା। ମଂଚ ସଂଯୋଜନା ମନୋଜ କୁମାର ପଣ୍ଡା, ପରିଚାଳନା ସଭାପତି ରମାକାନ୍ତ ଗାହାଣ, ଅମୀୟ ମହାପାତ୍ର, ଆଶିଷ ସେଠି, ଅମୀୟ ସେଠି ଇତ୍ୟାଦି ସହଯୋଗ କରିଥିଲେ। ବରିଷ୍ଠ ବର୍ଗ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ଉପଢ଼ୌକନ, ପ୍ରମାଣପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅଭିନୟରେ ଯେଉଁମାନେ ରଙ୍ଗବୋଳିଥିଲେ ସେମାନେ ହେଲେ ଅରବିନ୍ଦ, ଦିପକ, ନାରାୟଣ, ବିଜୟ ବହଳୀ, ପ୍ରଦୀପ, ବାପି, ସନ୍ତୋଷ, ଲିଟୁ, ହିମାଂଶୁ, ଅଭିମନ୍ୟୁ, ଜଡା, ପ୍ରଫୁଲ୍ଲ, ବାବି, ନାରୀ ଚରିତ୍ରରେ ସଂଧ୍ୟାରାଣୀ, ମିନତୀ, ପଦ୍ମିନୀ, ବସୁମିତ୍ରା, ପଦ୍ମାଳୟ, ଚାନ୍ଦିନୀ, ଲିଜା ଇତ୍ୟାଦି ଅଭିନୟ କରିଥିଲେ। ସଂଗୀତରେ ଆର୍ତ୍ତତ୍ରାଣ, ନିରଞ୍ଜନ ଓ କଣ୍ଠରେ ମିନତୀ। ଶେଷରେ ସମସ୍ତ କଳାକାର ମାନଙ୍କୁ ବିଶ୍ୱହିନ୍ଦୁ ପରିଷଦର ପ୍ରଭାରୀ ବସନ୍ତ କୁମାର ରାଉତ, ଓ ଲଙ୍କା ଗ୍ରା:ପ: ସରପଂଚ ଅକ୍ଷୟ କୁମାର ମହାନ୍ତି, ଡକ୍ଟର ଚପଳା ନାୟକ, ମୋହିନୀ ମୋହନ ମହାପାତ୍ର, ଜଗତ ମୋହନ ମହାପାତ୍ର, ଶକ୍ତିଶଙ୍କର ବରାଳ, ନାରାୟଣ ଚନ୍ଦ୍ର ପାଢ଼ି, ଅଜୟ କୁମାର ନାୟକ, ସୁଧାକର ରାଉତ, ମଂଟୁ ପାଣିଗ୍ରାହୀ ପ୍ରମୁଖ କଳାକାର ମାନଙ୍କୁ ରୌପ୍ୟଜୟନ୍ତୀ ଅବସରରେ ଧନ୍ୟବାଦ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ସଂସ୍କୃତ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୭/୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅଧକ୍ଷ ପ୍ରଫେସର୍ ରଞ୍ଜିତ ରଞ୍ଜନ ସାହୁଙ୍କ ପୌରହିତ୍ୟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧକ୍ଷ ପ୍ରଫେସର୍ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟା ଡ଼ ପଦ୍ମଜା କବି ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବ୍ରହ୍ମର୍ଷି ହରେକୃଷ୍ଣ ଶତପଥୀ ଯୋଗଦେଇ "ଭଗବତ୍ ଗୀତାରେ ଦର୍ଶନ" ଶୀର୍ଷକ ସାରଗର୍ଭକ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ ପ୍ରଶାସନିକ ଅଧିକାରିଣୀ ତଥା ଗଣିତ ବିଭାଗର ମୁଖ୍ୟା ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଇ.କ୍ୟୁ.ଏ.ସି ସଂଯୋଜକ ତଥା ଶୈକ୍ଷିକ ଅଧିକାରୀ ଡ଼. ମଥୁରୀ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାସୁଦେବପୁରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ରାଜ୍ୟ ସରକାର ଙ୍କ ଦ୍ୱାରା ଲାଗୁ ହେବାକୁ ଥିବା ନୂତନ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାସୁଦେବପୁର ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ତନ୍ମିତା କର, ସହକାରୀ ଯନ୍ତ୍ରୀ ଅନିମେସ ସୁବୁଦ୍ଧି ରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥି ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଙ୍କ ସହ ବହୁ ସଂଖ୍ୟା ରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଦ୍ୱାରା ଖୋର୍ଦ୍ଧା ରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କାର୍ଯ୍ୟ କ୍ରମ କୁ ଅଭାସି ମାଧ୍ୟମରେ ପ୍ରଦର୍ଶନ କରା ଯାଇଥିଲା। ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଯୋଜନା ହେବ କାର୍ଯ୍ୟ କାରୀ ଓ ପାଞ୍ଚ ହଜାର କୋଟି ଟଙ୍କାର ବ୍ୟୟ ବରାଦ। ମୌଳିକ ଭିତ୍ତି ଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ହେବ। ପ୍ରତ୍ୟେକ ଗ୍ରାମକୁ ବିକାଶ କରିବା ଲାଗି ଡବଲ ଇଞ୍ଜିନ ସରକାର ସଂକଳ୍ପବଦ୍ଧ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଥିଲା ଗାଁର ଉନ୍ନତି କରିବା। ଗାଁ ବିକଶିତ ହେଲେ ଦେଶ ବିକଶିତ ହେବ ଏବଂ ସମସ୍ତ୍ ଙ୍କ ମୁହଁ ରେ ହସ ଫୁଟିବ ବୋଲି ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ମନେ ପକାଇ ଥିଲେ। କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ,ବାଣିଜ୍ୟ, ଗମନା ଗମନ, ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ହେବ ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲାରୁ ୫୨ ଜଣ ବରିଷ୍ଠ ତୀର୍ଥ ଯାତ୍ରୀ

ସୁବର୍ଣ୍ଣପୁର, ୭/୨ (ନି.ପ୍ର): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପରିପ୍ରେକ୍ଷୀରେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାର ୫୨ ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ତୀର୍ଥ ଯାତ୍ରୀବସକୁ ବିଧାୟକ ବୀରମହାରାଜପୁର ଇଂ. ରଘୁନାଥ ଜଗଦଲା ଓ ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାଶ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିବା ସହ ସଫଳ ଯାତ୍ରା ନିମନ୍ତେ ଶୁଭକାମନା କରିଛନ୍ତି କ୍ଷ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ଗୋଛି, ଆସିଷ୍ଟାଂଟ କଲେକ୍ଟର ସତ୍ୟବ୍ରତ ସାହୁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଜିଲ୍ଲା ସ୍ତରୀୟ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ସଫଳ ତୀର୍ଥ ଭ୍ରମଣ ପୂର୍ବକ ଆଧାତ୍ମିକ ଦିବ୍ୟ ଦର୍ଶନର ଅନୁଭବ ନିମନ୍ତେ ଶୁଭକାମନା କରି ଉତ୍ସାହିତ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସହଦ୍ୱେ ମେହେର ଓ ବିଶ୍ୱପ୍ରତାପ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରୁ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ଏହି ବସ ଆଜି ସନ୍ଧ୍ୟାରେ ସମ୍ବଲପୁରରେ ପହଂଚି ପାନ୍ଥନିବାସରେ ରାତ୍ରୀ ରହଣି କରିବ । ଆସନ୍ତା କାଲି ପୂର୍ବାହ୍ନ ୧୧ଟାରେ ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସ୍ୱତନ୍ତ୍ର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ ସୁବର୍ଣ୍ଣପୁର ଜିଲ୍ଲାର ୩୨ ଜଣ ପୁରୁଷ ଓ ୨୦ ଜଣ ମହିଳା ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ସହ ପଡୋଶୀ ୭ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ କମାକ୍ଷ୍ୟା ଓ କଳିକତା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

# ସେଲ ଆରଏସପି କର୍ମଚାରୀଙ୍କ ୨ ବର୍ଷର କୁନିଝିଅ ଦ୍ୱାରା ଉଲ୍ଲେଖନୀୟ ଧୀ-ଶକ୍ତିର ପ୍ରଦର୍ଶନ



ରାଉରକେଲା, ୭/୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍‌ରେ ଓସିଟି ଭାବରେ କାର୍ଯ୍ୟରତ ଶ୍ରୀ ରାଜୁ କୁମାର ସିଂ ଏବଂ ଶ୍ରୀମତୀ ବନ୍ଦନା ସିଂଙ୍କ ଅଢ଼େଇ ବର୍ଷର ଝିଅ ସ୍ନେହା ସିଂ ତାଙ୍କର ଅସାଧାରଣ ସ୍ମୃତି ଶକ୍ତି ଏବଂ ବାକ୍ ପଟୁତା ସହିତ ସମସ୍ତଙ୍କୁ ମୋହିତ କରୁଛନ୍ତି। ଏପର୍ଯ୍ୟନ୍ତ ସ୍କୁଲରେ ପଢ଼ି ନଥିବା ସତ୍ତ୍ୱେ, ସ୍ନେହା ଅନାୟାସରେ ସମସ୍ତ ଭାରତୀୟ ରାଜ୍ୟ ଏବଂ ପ୍ରାୟ ୧୦୦ ଟି ଦେଶର ରାଜଧାନୀର ନାମ କହିପାରୁଛନ୍ତି । ୨୦୨୨ ଅଗଷ୍ଟ ୨ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ନେହା, ପ୍ରାଣୀଜଗତ ବିଷୟରେ ମଧ୍ୟ ଅସାଧାରଣ ଜ୍ଞାନ ପ୍ରଦର୍ଶନ କରନ୍ତି ତଥା ପ୍ରାଣୀ ଏବଂ ସେମାନଙ୍କ ଶିଶୁଙ୍କ ନାମ କହିପାରୁଛନ୍ତି। ତାଙ୍କର ଉଲ୍ଲେଖନୀୟ ଦକ୍ଷତା ତାଲିକାରେ ଅନ୍ୟ ଏକ ପ୍ରତିଭା ଭାବରେ ସେ ଅନନ୍ୟ ଭାବରେ ଅନେକ ଅନ୍ୟାନ୍ୟ ଛନ୍ଦ ସହିତ ଭାରତୀୟ ଜାତୀୟ ସଙ୍ଗୀତ ମଧ୍ୟ ଗାନ ପରିପାରୁଛନ୍ତି। ଏତେ କମ୍ ବୟସରେ ବିଭିନ୍ନ ବିଷୟ ଜାଣିବା ପାଇଁ ତାଙ୍କର ସ୍ୱାଭାବିକ ଉତ୍ସାହ ଏବଂ ଜ୍ଞାନ ଗ୍ରହଣ କରିବାର କ୍ଷମତା ପ୍ରାରମ୍ଭିକ ଶିକ୍ଷା ଏବଂ ପିତାମାତାଙ୍କ ପ୍ରୋତ୍ସାହନର ଏକ ପ୍ରେରଣାଦାୟକ କାହାଣୀ ଅଟେ । ତାଙ୍କ ଦକ୍ଷତାର ଖବର ପ୍ରସାରିତ ହେବା ସହିତ, ସେ ଶୀଘ୍ର ରାଉରକେଲା ପାଇଁ ଗର୍ବର ଉତ୍ସ ହେବା ସହ ଯୁବ ଶିକ୍ଷାର୍ଥୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

# ସୋନପୁର ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ

ସୁବର୍ଣ୍ଣପୁର, ୭/୨ (ନି.ପ୍ର): ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରତାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ରୀତା ଗ୍ଲୋରିଆ ଏକ୍କା, ଗଡଭିତର ସିଆରସିସି ବୁଦ୍ଧଦେବ ସା ଯୋଗ ଦେଇଥିବା ବେଳେ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥି ମଂଚ ପରିଚାଳନା କରିଥିଲେ। ସିଆରସିସି ହରିହର ସା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆଦର୍ଶ ସରକାରୀ ଉ. ପ୍ରା. ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲା ବେଳେ ପରେ ନିପୁଣ ଓଡିଶାର ଗୀତ ଓ ଲୋଗୋ ଉନ୍ମୋଚିତ ହୋଇଥିଲା।

# ଗଲଗଲି ଶଙ୍ଖଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଘାଟିତ

ଧର୍ମଶାଳା, ୭/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଲଗଲି ଶଙ୍ଖ ଠାରେ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ ହୋଇଯାଇଛି । ପ୍ରାଧାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ଡଃ. ସ୍ୱରୂପାନନ୍ଦ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଆତିଥ୍ୟତା ଓ ଆଧାତ୍ମିକତା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଅଟେ ବୋଲି କହିବା ସହିତ ଗଲଗଲି ଶଙ୍ଖପୀଠର ପୁନରୁଦ୍ଧାର ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ । ସିଦ୍ଧପୀଠ ଗଲଗଲି ଶଙ୍ଖ ପର୍ଯ୍ୟଟନ କେନ୍ଦ୍ରର ଆଧାତ୍ମିକ ତଥା ପୌରାଣିକ ଗୁରୁତ୍ୱ ରହିଛି । ଗରୁଡ ଗୀତା ଓ ମାଳିକାରେ ଏହି ପୀଠର ମାହାତ୍ମ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଶ୍ରୀ କ୍ଷେତ୍ର ପ୍ରାଚୀନ ବଡଦାଣ୍ଡ ଭାବେ ଏହାର ସୁଖ୍ୟାତି ରହିଛି । ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ କାର୍ଯ୍ୟ ପାଇଁ ୩୫ ଲକ୍ଷ ଟଙ୍କାର ପ୍ରସ୍ତାବ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି । ଗଲଗଲି ଶଙ୍ଖ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ଖୁବ ଶୀଘ୍ର ଅନୁଦାନ ମିଳିବ ବୋଲି ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଘାଟନ ଉତ୍ସବରେ ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ସୂଚନା ଦେଇଥିଲେ । ଉତ୍ସବରେ ପଟୁଣିଆ ସରପଂଚ ବୈଶାଳୀ ରାଉତ, କଂଟିଗଡିଆ ସମିତିସଭ୍ୟ ଅରୂପାନନ୍ଦ ଜେନା, ଧର୍ମଶାଳା ପଂଚାୟତ ସମିତିର ପୂର୍ବତନ ଉପାଧକ୍ଷ ନିରଞ୍ଜନ ବଳ, କୋତପୁର ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା, ସମାଜସେବୀ ଅଭିମନ୍ୟୁ ଧଳ, ପଦ୍ମନାଭ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଗଲିଗଲି ଶଙ୍ଖପୀଠର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଯଜ୍ଞ କମିଟି ସଭ୍ୟ ପ୍ରଶାନ୍ତ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବ ଆରମ୍ଭରେ ଅତିଥିମାନେ ଗଲିଗଲି ଶଙ୍ଖଙ୍କୁ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ । ଯଜ୍ଞ କମିଟି ସଭାପତି ବିବେକାନନ୍ଦ ଦାସ ମଂଚାସୀନ ଅତିଥିମାନଙ୍କୁ ଉତରୀୟ ପ୍ରଦାନ କରିଥିଲେ । ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପ୍ରବଚକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିଲା । ପୂର୍ବାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ । କଳସ ଯାତ୍ରାରେ ପଟୁଣିଆ ଗେଙ୍ଗୁଟି ନଦରୁ ଜଳ ଆଣି ଯଜ୍ଞମଣ୍ଡପରେ ପ୍ରତିଷ୍ଠା କରାଯାଇଥିଲା । ପରେ ଘଟସ୍ଥାପନ, ଯଜ୍ଞାଗ୍ନି ସ୍ଥାପନ, ମଣ୍ଡପ ପୂଜା, ରୁଦ୍ର ଆଳତୀ ଆଦି ଦେବନୀତି ସମ୍ପନ୍ନ ହୋଇଥିଲା । ରବିବାର ସନ୍ଧ୍ୟାରେ ଯାଜପୁର ମା ବିରଜାଙ୍କ ମନ୍ଦିରରୁ ନାମସଂକିର୍ତନ ମଧ୍ୟରେ ଆଜ୍ଞାମାଳ ଅଣାଯାଇ ଅଙ୍କୁରାରୋପଣ କରାଯାଇଥିଲା ।

## କୁଷ୍ଠ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୭/୨ (ନି.ପ୍ର): କୁଷ୍ଠ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଆଜି ସକାଳ ୮ଟାରେ ଅନୁଷ୍ଠିତ ହୋଇଛି । ସଚେତନ ଆୟଷ୍ମାନ ଆରୋଗ୍ୟ ମନ୍ଦିର ଜଗଧାତ୍ରିପୁର ଲେପ୍ରା ସୋସାଇଟି ତରଫରୁ ସଚେତନତା ଶୋଭାଯାତ୍ରା ଓ ବୈଠକ ଅନୁଷ୍ଠିତ ହୋଇଛି। ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ସରକାରି ଏନଏନଏମ ତାଲିମ କେନ୍ଦ୍ର ଯାଏ ଯାଇଥିଲା । ସେଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଡାକ୍ତର ସ୍ୱସ୍ତ ପ୍ରଭା ବେହେରା ଓ ଡାକ୍ତର ଅରୁଣ ପାଢୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଜାନୁଆରୀ ୩୦ ତାରିଖରୁ ଫେବୃଆରୀ୧୩ ତାରିଖ ଯାଏ କୁଷ୍ଠ ନିରାକରଣ ପକ୍ଷ ଚାଲିଛି । ଏହି ଶୋଭାଯାତ୍ରା ବୈଠକରେ ସ୍ୱାସ୍ଥ୍ୟ କର୍ମି, ଆଶା ଉପସ୍ଥିତ ଥିଲେ । କୁଷ୍ଠ ରୋଗ ଚିହ୍ନଟ ପାଇଁ ସଚେତନତା କରାଯାଇଥିଲା । ବୈଠକ ଦିନ ୧୦ଟାରେ ଶେଷ ହୋଇଥିଲା। କୁଷ୍ଠ ଏକ ଜୀବାଣୁଜନିତ ସାଧାରଣ ରୋଗ, ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ଗୋଡ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦରେ ମାଂସପେଶୀ ଦୁର୍ବଳ ଲାଗିବା ହେଉଛି କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ । ଏମ.ଡି.ଟି. ଦ୍ୱାରା କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ। ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ମିଳେ ବୋଲି ସଚେତନ କରାଯାଇଛି ।

# ସେଲ ଆରଏସପିର ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର 'ଦୀକ୍ଷା'ରେ ୪୪ ଜଣ ଠିକା ଶ୍ରମିକଙ୍କ ୱେଲ୍ଡିଂ ସୁରକ୍ଷା ଉପରେ ତାଲିମ ଗ୍ରହଣ




ରାଉରକେଲା, ୭/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର 'ଦୀକ୍ଷା' ଠାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୪୪ ଜଣ ଠିକା ଶ୍ରମିକଙ୍କ ପାଇଁ ନିକଟରେ ଏକ ୱେଲ୍ଡିଂ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାର ବିଭିନ୍ନ ଅଧିବେଶନରେ ସାଧାରଣ ସୁରକ୍ଷା, ୱେଲଡିଂ ମେସିନ୍ ଅପରେସନ୍ ଏବଂ ରକ୍ଷଣାବେକ୍ଷଣ, ୱେଲଡିଂ ମେସିନ୍‌ରେ କାର୍ଯ୍ୟ କରିବା ସମ୍ବନ୍ଧୀୟ ସୁରକ୍ଷା ଦିଗ ଏବଂ କରଣୀୟ ଓ ବର୍ଜନୀୟ ବିଷୟ ଇତ୍ୟାଦି ସୁରକ୍ଷା ଦିଗ ଅନ୍ତର୍ଭୁକ୍ତ କରଯାଇଥିଲା। ୱେଲଡିଂ ଉପରେ ପ୍ରାକ୍ଟିକାଲ୍ ଟ୍ରେନିଂ ମଧ୍ୟ କେନ୍ଦ୍ରରେ ଉପଲବ୍ଧରେ ୱାର୍କିଂ ମଡେଲରେ ପ୍ରଦାନ କରାଯାଇଥିଲା । ଏହି ଅଧିବେଶନଗୁଡିକ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅଧୀନସ୍ଥ ଡ଼ିଟିଏନବିଡବ୍ଲୁଇର ଆଞ୍ଚଳିକ ନିର୍ଦ୍ଦେଶାଳୟର ଶ୍ରୀ ଏସ ଆର ଗୋଛାୟତ ଏବଂ ୱେଲଡିଂ ସୁରକ୍ଷା ଅଧ୍ୟାପକ ଶ୍ରୀ ଭକ୍ତହରି ମହାପାତ୍ରଙ୍କ ଦ୍ୱାରା ନିଆଯାଇଥିଲା। ତାଲିମ ସମାପ୍ତ ହେବା ପରେ, ଅଂଶଗ୍ରହଣକାରୀମାନଙ୍କୁ ଡ଼ିଟିଏନବିଡବ୍ଲୁଇର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇସିଜି ଆର ସି ଏଲ ସି ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀ ରାଜୀବ ମୁଖାର୍ଜୀଙ୍କ ସମେତ ଏଚ ଆର ସିଏଲସି ବିଭାଗର ସାମୂହିକ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସକୁ ଦୂର କରିବା ଦିଗରେ ଦକ୍ଷତାକୁ ସମୃଦ୍ଧ କରିବା ପାଇଁ ଠିକା ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ତାଲିମ ପ୍ରଦାନ କରିବାକୁ ଏହି କେନ୍ଦ୍ର ଲକ୍ଷ୍ୟ ରଖିଛି। ତାଲିମ ପ୍ରଦାନ ସହିତ, ରାଉରକେଲା ଏବଂ ଏହାର ଆଖପାଖରେ ଆଚରଣଗତ ସୁରକ୍ଷାରେ କୁଶଳୀ ବ୍ୟକ୍ତିଙ୍କ ଏକ ସମୂହ ସୃଷ୍ଟି କରିବା ଏହି କେନ୍ଦ୍ରର ଲକ୍ଷ୍ୟ ରହିଛି ।

## ଡାକଘର ଚିଠିବାକ୍ସ ନିୟମିତ ଖୋଲା ଯାଉନି

ଗଞ୍ଜାମ, ୭/୨ (ନି.ପ୍ର): ଗଞ୍ଜାମ ଜିଲାର ବ୍ରହ୍ମପୁର ସହରରେ ବିଭିନ୍ନ ସ୍ଥାନରେ ଥିବା ଚିଠିବାକ୍ସ ଗୁଡିକ ନିୟମିତ ଖୋଲି ଚିଠିଗୁଡିକୁ ଉଲ୍ଲେଖ ଥିବା ନିର୍ଦ୍ଦିଷ୍ଟ ସ୍ଥାନକୁ ପ୍ରେରଣ କରାଯାଇନାହିଁ । ଫଳରେ ଚିଠି ପ୍ରାପ୍ତ କର୍ତା ମାନେ ଠିକ୍ ସମୟରେ ଚିଠିପତ୍ର ନପାଇ ବିଶେଷ ହଇରାଣ ଓ ହଟହଟା ହେଉଛନ୍ତି । ଚିଠିବାକ୍ସ ଗୁଡିକରେ ବହୁପରିମାଣରେ ଧୂଳି ମଇଳା ମଧ୍ୟ ଜମିଗଲାଣି। ତୁରନ୍ତ ଡାକ ବିଭାଗ ଉଚ୍ଚ କର୍ତୃପକ୍ଷ ଘଟଣାର ଅନୁଧ୍ୟାନ କରି ନିୟମିତ ଡାକବାକ୍ସ ଖୋଲିବା ଓ ଡାକବାକ୍ସଗୁଡିକୁ ସଫାସୁତରା ରଖିବାକୁ ବ୍ୟବସ୍ଥା ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

# ୧୪ରେ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ

ଧର୍ମଶାଳା, ୭/୨ (ନି.ପ୍ର): ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବ ଜିଲ୍ଲା ସମିତି ପକ୍ଷରୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜରକାସ୍ଥିତ ମା ଜେମାଣୁଣୀ ପୀଠରେ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହେବ ବୋଲି ଜଣାଯାଇଛି । ଏହି ସମ୍ମିଳନୀ ୩ଦିନ ବ୍ୟାପି ଯଥା ରୀତିନୀତି ପାଳନ କରାଯିବ । ଏହି ଅବସରରେ ମୁଖ୍ୟଧାମ ଶାନ୍ତି ଆନନ୍ଦଆଶ୍ରମ, ଷୋଡଶ ଉପଚାର ପୂଜା, ନଗର ପରିକ୍ରମା, ଭଜନ କୀର୍ତନ, ପ୍ରବଚନ, ପାଲା, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଜୁମର ଓ ଲୀଳା ନାଟକ ଆଦି ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶାନ୍ତିଧାମର ବରିଷ୍ଠ ସାଧୁ ସଦାନନ୍ଦ ଦାସ ମହାରାଜ, ହରେକୃଷ୍ଣ ଦାସ ମହାରାଜ, ନୀଳମଣି ଦାସ ମହାରାଜ, ବୁଦ୍ଧଦେବ ଦାସ ମହାରାଜ, ବନବିହାରୀ ଦାସ ମହାରାଜ, ଦତତ୍ରୟ ଦାସ ମହାରାଜ, ଦିବ୍ୟଚେତନ ଦାସ ମହାରାଜ, ରାଧାରମଣ ଦାସ ମହାରାଜ, ଜଗବନ୍ଧୁ ଦାସ ମହାରାଜ ଓ ଅନନ୍ୟା ସାଧୁସନ୍ଥ ଯୋଗଦେବେ । ୧୪ ତାରିଖରେ ଉଦଘାଟକ ଭାବେ ବାବାଜୀ ହରେକୃଷ୍ଣ ଦାସ ମହାରାଜ ଯୋଗଦେବେ । ବାବାଜୀ ବୁଦ୍ଧଦେବ ଦାସ ମହାରାଜ ଓ ରେଭେନସା ବିଶ୍ୱବିଦ୍ୟାଳୟର ପ୍ରଫେସର ନିରଞ୍ଜନ ସାହୁ ପ୍ରବଚକ ଭାବେ ଯୋଗଦେବେ ।ପରେ ଓଡିଶୀ ନୃତ୍ୟ ଓ ସୁନାମାଧନ୍ୟ ପାଲା ଗାୟିକା କଳ୍ପନା ନାୟକ ଓ ସାଥୀମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯିବ । ୧୫ ତାରିଖରେ ସୁଲୋଚନା ପଣ୍ଡା ଓ ସାଥୀ, କଳ୍ପନା ନାୟକ ଓ ସାଥିମାନଙ୍କ ଦ୍ୱାରା ପାଲା, ବାବାଜୀ ଜଗବନ୍ଧୁ ଦାସ ମହାରାଜ, କ୍ଷୀରୋଦ ନାଥ, କୁଞ୍ଜବିହାରୀ ଜେନା, ଶିବ ପ୍ରସାଦ ବାରିକ, ସୁରେନ୍ଦ୍ର ଜେନା, ବିଷ୍ଣୁ ଚରଣ ସାହୁ, ନରେଶ ଚନ୍ଦ୍ର ମହାନ୍ତି, ମୋହନ ମହାନ୍ତି, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ବେହେରା,ରଙ୍କନିଧି ମହାପାତ୍ର, ସୁଶ୍ରୀ କଳ୍ପନା ପଣ୍ଡା, ଗାୟତ୍ରୀ ଦାସ, ସଂଜୀବନୀ ସୁଧା ସୁତାର, ଝୁନୁ ମା, ପୁର୍ଣମାପ୍ରଭା ଲେଙ୍କା ମାନଙ୍କ ଦ୍ୱାରା ଭଜନ ସମାରୋହ । ବାବାଜୀ ସଦାନନ୍ଦ ଦାସ ମହାରାଜ, ବାବାଜୀ ବୁଦ୍ଧଦେବ ଦାସ ମହାରାଜ, ବାବାଜୀ ଦିବାକର ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ ଡ.ଭିକାରୀ ଚରଣ ସାମଲଙ୍କ ରଚିତ ଓ ନିର୍ଦ୍ଦେଶନାରେ ଜାରକା ଭକ୍ତ ଗୋଷ୍ଠୀଙ୍କ ଦ୍ୱାରା ଲୀଳା ନାଟକ 'ଅଭିରାମ ନାମ ଗାଇ ଜୀବନ ଯାଉ ' ପରିବେଷଣ କରାଯିବ ।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ

ଜୟପୁର, ୭/୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ତରଗିଆ ସନାଧର କମାର (୩୬), ନାଇକେରା ଗ୍ରାମର କମଳ ଲୋଚନ ଭତ୍ର (୫୨) । ସୂଚନା ଅନୁଯାଇ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଆଜି ତରିଗିଆରେ ଚଢଉ କରି ୯ ଲିଟର ଦେଶି ମଦ ଜବତ କରିଛି । ସେହିପରି ଏକ ଲୁନା ଗାଡି ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ସଲପା ଠାରେ ଚଢଉ କରି ଲୁନା ଗାଡି ସହ ୧୮ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତକୁ ଆଜି ଅପରାହ୍ନ ୪ଟା ୩୦ ମିନିଟ ସମୟରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ




ବଡ଼ସାହି , ୭/୨ (ନି.ପ୍ର): ସାନବେଲାକୁଟି ଶ୍ରୀବିହାର ସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିନେକାନନ୍ଦ ଶିକ୍ଷାକେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମହାସମାରୋହରେ ଭବେନ୍ଦ୍ର ପାତ୍ର, ସୂର୍ଯ୍ୟସ୍ମିତା ଦାସ, ପ୍ରଣତି ବେହେରା ଓ ସୁଜାତା କରଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦ ଏବଂ ଭାରତମାତାଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ପରେ ଗୁରୁମା ପ୍ରଣତି ଦାସ, କୌଶଲ୍ୟା ମହଲା, ଜ୍ୟୋସ୍ନାରାୟ ସିଂହ ଓ ଚନ୍ଦ୍ରମଣି ବାରିକଙ୍କ ଦ୍ୱାରା ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ପୁରୋଧା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ମାତୃ ପୂଜନର ମହିମା ଓ ସଂସ୍କୃତି ସଂପର୍କରେ ଅନେକ ତଥ୍ୟ ଉପସ୍ଥାପନ କରିବା ସହିତ 'ମାତୃ ପୂଜନ ବିନା ରାଷ୍ଟ୍ରର ପ୍ରଗତି ଅସମ୍ଭବ' ବୋଲି ବକ୍ତବ୍ୟ ରଖିଥିଲେ। କାରଣ ପିଲାଟିଏ ଛୋଟ ବେଳୁ ବିଦ୍ୟାଳୟ ସ୍ତରରେ ମାତୃଭୂମି, ମାତୃଭାଷା ଓ ମାତୃ ପୂଜନ ପରଂପରାକୁ ସଠିକ ଭାବେ ଶିଖିଲେ ମାଆ ଓ ବାପାଙ୍କୁ ଆଉ ବୃଦ୍ଧାଶ୍ରମକୁ ଯିବାକୁ ପଡିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନି ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦାନ କରି ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲ । ମୁଖ୍ୟବକ୍ତା ଭାବେ ଗୋପବନ୍ଧୁନଗର ଗୋଷ୍ଠୀ ଶିକ୍ଷାଧିକାରୀ ଡକ୍ଟର ଅଭିମନ୍ୟୁ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ଆଡ଼ଭୋକେଟ ସତ୍ୟବ୍ରତ ମିଶ୍ର, ଆଦରଣୀୟ ଅତିଥି ଭାବେ ଗୋପବନ୍ଧୁନଗର ପ୍ରେସକ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଓ ସମ୍ମାନିତ ଅତିଥି ଭାବେ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା, ପଶୁଦା କ୍ଲଷ୍ଟର ସି.ଆର.ସି.ସି କୃଷ୍ଣଚନ୍ଦ୍ର ଦଳେଇ ଏବଂ ବଡ଼ସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଯୋଗଦାନ କରି ମାତୃପୂଜନ ପରଂପରାକୁ ଏହି ଶିକ୍ଷାକେନ୍ଦ୍ର ଉଦ୍‌ଜୀବିତ କରି ରଖିଥିବା ଏକ ଗୌରବର କଥା ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବାଣୀପୀଠର ଉପଦେଷ୍ଟା ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭୨ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇ ଥିଲା । ସରକାରୀ ବୃତ୍ତି ଓ ପ୍ରାଦେଶିକ ମେଧାବୃତ୍ତି ହାସଲ କରିଥିବା ୪ଜଣ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇ ଥିଲା। ଅପରାହ୍ନରେ ପିଲାମାନଙ୍କଦ୍ୱାରା ସାଂସ୍କୃତିକ ବିଚିତ୍ରା ଶୁଭଜିତ୍ ଶୁଭଙ୍କର ରାଉତ ଓ ସୁମନ କୁମାର ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସର୍ବଶେଷରେ କବି କାର୍ତ୍ତିକ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରୂପ୍‌ସା ମହୋତ୍ସବ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବସ୍ତା, ୭/୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ପୋଡାଡ଼ିହା ଠାରେ ରୂପସା ମହୋତ୍ସବ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କମିଟିର ସଭାପତି ରବୀନ୍ଦ୍ର କୁମାର ପଣ୍ଡା ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ୧୪ ତମ ରୂପସା ମହୋତ୍ସବ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଥର ପାଇଁ କମିଟି ପକ୍ଷରୁ ଜଗନ୍ନାଥ ଙ୍କ ୩୨ ବେଶ ର ଆୟୋଜନ କରାଯାଇଛି । ୧୦ ତାରିଖ ଦିନ ୩୨ ବେଶ ଉପଲକ୍ଷେ କଳସ ଶୋଭା ଯାତ୍ରା, ନାମ ସଙ୍କୀର୍ତ୍ତନ ଯଜ୍ଞ୍ୟ ଆଦି କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ରାଜନୀତି ଦଳ ର ନେତା , ପ୍ରଶାସନିକ ଅଧିକାରୀ, ସମାଜସେବୀ , ବିଜ୍ଞ ବିଦ୍ୱାନ ମହାନ ବ୍ୟକ୍ତି ମାନଙ୍କୁ ନେଇ ସଭା କାର୍ଯ୍ୟକ୍ରମ , ରାତିରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଲିଉଡ ଜଗତର ଆଗ ଧାଡ଼ିର ସିନେ ତାରକା ଆସିବା , ୧୪ ତାରିଖ ଦିନ ଏକ ରକ୍ତ ଦାନ ଶିବିର ଆୟୋଜନ କୁ ନେଇ କମିଟି ର ସମ୍ପାଦକ ଚନ୍ଦନ ଜେନା ସୂଚନା ଦେଇଛନ୍ତି । ମୋହତ୍ସବ ପଡିଆ ରେ ବିଭିନ୍ନ ପ୍ରକାରର ଦୋଳି , ଚକ୍ରୀ , ବିଭିନ୍ନ ପ୍ରକାରର ସରକାରୀ ଷ୍ଟଲ୍ , କୃଷି ଯନ୍ତ୍ରାଂଶ ଷ୍ଟଲ୍ , କାର ମୋଟରସାଇକେଲ ଷ୍ଟଲ୍ , ଶତାଧିକ ଘୋରଇ ସାମଗ୍ରୀ ଦୋକାନ , ସୁସ୍ୱାଦ ଖାଦ୍ୟ ର ଦୋକାନ , ମିନା ବଜାର ଆଦି ସମସ୍ତ ଙ୍କ ମନ୍ କୁ କିଣିବ ବୋଲି କୋଷାଧକ୍ଷ ଦୀପକ କୁମାର ସାମଲ କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀ ରେ ଉପଦେଷ୍ଟା ବିନୟ କୁମାର ବେହେରା, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ , ନିରଞ୍ଜନ ପଣ୍ଡା ଶର୍ମା, ଗୋପୀନାଥ ମହାପାତ୍ର ,ସୁଧାକର ଗିରି , ସଦସ୍ୟ ବିଜୟ ବେହେରା, ହେମନ୍ତ ସେନାପତି , ବିଜେସ ପରିଡ଼ା , ମୋହନ ବର୍ , ପ୍ରମୋଦ ଗିରି, ହିମାଂଶୁ ଜେନା , ମିଟୁ ପରିଡ଼ା , ଅରବିନ୍ଦ ବେହେରା , ବାବୁଲି ପଣ୍ଡା ଉପସ୍ଥିତ ରହିବା ସହ ଏହି ଉତ୍ସବରେ ଅଞ୍ଚଳ ବାସୀଙ୍କ ସହୋଯୋଗ କାମନା ଓ ଏହି ଭାଇଚାରା ର ଉତ୍ସବ କୁ ସମସ୍ତଙ୍କୁ ଆସିବା ପାଇଁ ଅନୁରୋଧ କରିଛନ୍ତି।

# ପାରାଦୀପ- ଚଣ୍ଡିଖୋଲ ୫୩ନମ୍ବର ଜାତୀୟ ରାଜପଥ ରାସ୍ତା ନିର୍ମାଣ ସମୀକ୍ଷା

କେନ୍ଦ୍ରାପଡ଼ା, ୭/୨ (ନି.ପ୍ର): ଚଣ୍ଡିଖୋଲ ୫୩ନମ୍ବର ଜାତୀୟ ରାଜପଥର ୮ ଲେନ ରାସ୍ତା ନିର୍ମାଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମାଟି, ବାଲି, ପାଣି ସୁରକ୍ଷା ମଂଚ(ମାବାପା)ର ଆବାହକ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଏକ ୩ଦଫା ଦାବି ନେଇ ପ୍ରସ୍ତାବ ଆଗତ କରିଥିଲେ। ଶ୍ରୀ ମହାପାତ୍ର କହିଥିଲେ ଯେ ଜିଲ୍ଲାର ଛାତି ଉପର ଦେଇ ଯାଇଥିବା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ୫ ବର୍ଷ ତଳେ ଉଚ୍ଚା ରେଳପଥ କରି ହାରାହାରୀ ଏକ ହଜାର ହେକ୍ଟର ଚାଷ ଜମିରୁ ମାଟି ଲୁଟି ହୋଇଥିବା ବେଳେ ଏବେ ଏକ ୮ ଧାଡିଆ ଜାତୀୟ ରାଜପଥ ନିର୍ମାଣ କରି ପ୍ରାୟ ୫୦ ହଜାର ହେକ୍ଟର ଚାଷ ଜମିରୁ ମାଟି ନେଇ ଖାଲ କରିବାକୁ ମସୁଧା କରାଯାଉଛି। ଗତବର୍ଷ ମାର୍ଚ୍ଚ ୧୭ ତାରିଖରେ ମା ବା ପା ସୁରକ୍ଷା ମଂଚ ପକ୍ଷରୁ ଏସମ୍ପର୍କରେ ତତକାଳୀନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଏପ୍ରିଲମାସ ପରଠାରୁ କେନ୍ଦ୍ରାପଡାରୁ ମାଟି ଉଠାଣ ବନ୍ଦ ରହିଥିଲା। ଡିସେମ୍ବର ପର୍ଯ୍ୟନ୍ତ ପାଉଁଶ, ଜିପସମ, ପଥର ଏବଂ ମୋରମରେ ରାସ୍ତା ନିର୍ମାଣ ହେଉଥିଲା । ଗତ ବର୍ଷ ସାରା ଜାତୀୟ ରାଜପଥକୁ ଅତିକ୍ରମ କରିଥିବା ପାଟନାଳୀ ଓ କେନାଲ ମୁହଁକୁ ମନଇଚ୍ଛା ବନ୍ଦ କରାଯିବା ଯୋଗୁଁ ଡେରାବିଶ, କେନ୍ଦ୍ରାପଡା, ଗରଦପୁର, ମାର୍ଶାଘାଇ ଓ ମହାକାଳପଡା ବ୍ଲକର ବହୁ ଚାଷ ଜମିରେ ଧାନ ଅମଳ ୭୦ ଭାଗ କମିଯାଇଥିଲା । ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ଏହି ଜାତୀୟ ରାଜପଥ ବାଧକ ସାଜିଛି । ଜିଲ୍ଲାରେ ଥିବା ଜଳସେଚନ ବିଭାଗ ଅଧିକାରୀଙ୍କୁ ଏହି ଠିକାସଂସ୍ଥା ଭୟଭୀତ କରି ରଖିଥିବା ସେ ଅଭିଯୋଗ କରିଥିଲେ । ଏଣୁ ବେଳହୁଁ ସାବଧାନ ହୋଇ ସମସ୍ତ ଜଳ ସେଚନ ଓ ନିଷ୍କାସନ ପଥକୁ ପରିଷ୍କାର ଓ ସୁଗମ କରିବାକୁ ସେ ଦାବି କରିଥିଲେ । ଠିକ ସେହିପରି ଜାତୀୟ ରାଜପଥକୁ ସଂଯୁକ୍ତ କରୁଥିବା ସମସ୍ତ ରାସ୍ତାକୁ ମନଇଚ୍ଛା ରାସ୍ତା ନିର୍ମାଣ କରି ପୂର୍ବ ବ୍ୟବସ୍ଥାକୁ ନଷ୍ଟ କରି ମନଇଚ୍ଛା ଅଣ୍ଡର ପାସ୍ ନିର୍ମାଣ କରିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଜନତା ଓ ଚାଷୀମାନେ ଦୀର୍ଘ ପଥ ଅତିକ୍ରମ କରି ଚାଷ ଜମିକୁ ଯିବାକୁ ବାଧ ହେଉଛନ୍ତି।

# ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତିଙ୍କ ପାରାଦୀପ ବନ୍ଦର ପରିଦର୍ଶନ



ପାରାଦୀପ, ୭/୨ (ନି.ପ୍ର): ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ଆଜି ଅପରାହ୍ନରେ ପାରାଦୀପ ବନ୍ଦର ପରିଦର୍ଶନ କରିଛନ୍ତି। ବନ୍ଦରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ ପିପିଏ ପ୍ରଶାସନିକ ଭବନରେ ପହଞ୍ଚିବା ପରେ, ରାଜ୍ୟପାଳଙ୍କୁ ବନ୍ଦର ଅଧ୍ୟକ୍ଷ ଶ୍ରୀ ପି.ଏଲ.ହରନାଧ ଏବଂ ବନ୍ଦରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ସିଆଇଏସଏଫ ୟୁନିଟ୍, ପିପିଏ ଦ୍ୱାରା ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଏନସିସି ପୂର୍ବତନ ଛାତ୍ରଙ୍କ ଗୋଷ୍ଠୀ ଦ୍ୱାରା ମାନ୍ୟବର ରାଜ୍ୟପାଳଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା ।ବନ୍ଦରର ଅଧ୍ୟକ୍ଷ ରାଜ୍ୟପାଳଙ୍କୁ ବନ୍ଦର ପକ୍ଷରୁ ନିଆଯାଇଥିବା ଅନେକ ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ବିଷୟରେ ଅବଗତ କରାଇଥିଲେ। ଏହା ପରେ ବନ୍ଦର ପରିଚାଳନା ସହିତ ଏକ ବୈଠକ କରାଯାଇଥିଲା। ବନ୍ଦରର ଭବିଷ୍ୟତ ଯୋଜନା ଏବଂ ଏହାର ସହଜ ବ୍ୟବସାୟ, ସବୁଜ ବନ୍ଦର ପଦକ୍ଷେପ, ଭବିଷ୍ୟତର ସମ୍ପ୍ରସାରଣ କାର୍ଯ୍ୟକ୍ରମ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ବୃଦ୍ଧି କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ଅଧ୍ୟକ୍ଷ ମାନ୍ୟବର ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ। ମାନ୍ୟବର ରାଜ୍ୟପାଳ ବନ୍ଦର ବିକାଶମୂଳକ କାର୍ଯ୍ୟ ଏବଂ ଯୋଗାଇ ଦିଆଯାଇଥିବା ବିଭିନ୍ନ ଭିତ୍ତିଭୂମି ସୁବିଧା ପାଇଁ ଖୁସି ପ୍ରକାଶ କରିଥିଲେ ଏବଂ ପ୍ରଶଂସା କରିଥିଲେ। ପିପିଏର ଅଧ୍ୟକ୍ଷ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକୀ ପ୍ରଦାନ କରିଥିଲେ। ତା'ପରେ ସେ ଲଞ୍ଚ ଯାତ୍ରା ସମୟରେ ବନ୍ଦର କାର୍ଯ୍ୟ ବିଷୟରେ ପ୍ରତ୍ୟକ୍ଷ ଅଭିଜ୍ଞତା ପାଇଁ ବନ୍ଦର ଅଞ୍ଚଳ ପରିଦର୍ଶନ କରିଥିଲେ। ସେ ପାରାଦୀପକୁ ପ୍ରଦୂଷଣ ମୁକ୍ତ ଓ ସବୁଜ କରିବା ଲକ୍ଷ୍ୟରେ ୩ ନମ୍ବର ଗେଟ୍ ସାମ୍ନାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମଧ ଅଂଶଗ୍ରହଣ କରିଥିଲେ।

# ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି

ଭୁବନେଶ୍ୱର, ୭/୨ (ନି.ପ୍ର): ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ ଡିଜିପି ଶ୍ରୀ ଖୁରାନିଆ ଗଞ୍ଜେଇ ମାଫିଆ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଏସପି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନ ଗତବର୍ଷ ନଭେମ୍ବର ମାସ ୦୧ ତାରିଖରୁ ଆରମ୍ଭ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ମସିହାରେ ୩୫୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଥିଲା । ସେହିପରି ୨୦୨୩ ମସିହାରେ ୪୨୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୦ ହଜାର ୫୪୧ ଏକର, ୨୦୨୨ ମସିହାରେ ୫୭୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୪ ହଜାର ୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ରାଜ୍ୟର ୮ ଟି ଜିଲ୍ଲାରେ ଗଞ୍ଜେଇ ଚାଷ ବିରୁଦ୍ଧରେ ସ୍ପେଶାଲ ଡ୍ରାଇଭ ଚାଲିଛି । ରାୟଗଡା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ବେଳେ ଏହାର ମୂଳୋତ୍ପାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି । ଡ୍ରୋନ ଏବଂ ସାଟେଲାଇଟ ସାହାଯ୍ୟରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରା ଯିବା ପରେ ଏହାକୁ ନଷ୍ଟ କରାଯାଉଛି। ଏହା ସହ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ପୋଲିସ ସଚେତନ କରାଉଥିବା ବେଳେ ଗଞ୍ଜେଇ ଚାଷ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଚେତାବନୀ ଦେଇଛନ୍ତି। ଆଜିର ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଂଚ) ଶ୍ରୀ ବିନୟତୋଷ ମିଶ୍ର, ଆଇଜିପି (ଅପରେସନ) ଶ୍ରୀ ଜୟନାରାୟଣ ପଙ୍କଜ, ଡିଆଇଜି (ଅପରେସନ) ଶ୍ରୀ ଅଖିଳେଶ୍ୱର ସିଂ, ଡିଆଇଜି (ଏସଆଇଡବ୍ଲୁ) ଡଃ କନୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଏବଂ ଜିଲ୍ଲା ଏସପି ମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଜି ଆସିବ...

କରି ଦିଲ୍ଲୀ ଦଖଲ କରିଥିଲା ଆମ୍ ଆଦମୀ ପାର୍ଟି । ହେଲେ ଏକଜିଟ୍ ପୋଲ ଅନୁସାରେ ଏଥର ଆପର ହୃତପିଣ୍ଡ କୁହାଯାଉଥିବା ଦିଲ୍ଲୀକୁ ଦଳଠୁ ଛଡାଇ ନେବାକୁ ଯାଉଛି ବିଜେପି । କୁହାଯାଉଛି ଏଥର ବିଜେପି ନିର୍ବାଚନରେ ଆପ୍ ଗଡ଼ରେ ଆପକୁ ଚିତପଟାଙ୍ଗ ଦେବାକୁ କୌଣସି ଗୋଟିଏ ବି ରଣନୀତିକୁ ହାତଛଡ଼ା କରିନଥିଲା । ଯେଉଁ ସ୍ୱଚ୍ଛ ଓ ଦୁର୍ନୀତି ବିରୋଧୀ ନାରାକୁ ଆପ୍ ପ୍ରସଙ୍ଗ କରିଥିଲା, ସେଇ ଦୁର୍ନୀତି ମାମଲାରେ ହିଁ ଫସିଯାଇଥିଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଦଳର ଅନ୍ୟ ଛାମୁଆ ନେତା । ନିର୍ବାଚନରେ ଜାରି ସଂକଳ୍ପ ପତ୍ରରେ ମହିଳାଙ୍କ ପାଇଁ ଲୋଭନୀୟ ସ୍କିମ, ସବୁ ବର୍ଗ ପାଇଁ ଯୋଜନା ଏବଂ ସର୍ବୋପରି ଏଥର ବଜେଟରେ ମଧ୍ୟବିତ୍ତଙ୍କୁ ବଡ଼ ରିହାତି ଦେଇ ଟ୍ୟାକ୍ସ ସ୍ଲାବକୁ ୧୨ ଲକ୍ଷ ଟଙ୍କାକୁ ବଢାଇ ଦେବା ମଧ ଦିଲ୍ଲୀ ନିର୍ବାଚନରେ ବିଜେପି ପାଇଁ ଆଶୀର୍ବାଦ ହୋଇଥିବା କୁହାଯାଉଛି । ସେପଟେ ନିର୍ବାଚନର ମାତ୍ର ୪ ଦିନ ଆଗରୁ ଶାସକ ଦଳରୁ ଇସ୍ତଫା ଦେଇଥିବା ୮ ବିଧାୟକଙ୍କୁ ବିଜେପି ନିଜ ଦଳରେ ମିଶାଇଦେବା ଆପ୍ ପାଇଁ ଖୁବ ମହଙ୍ଗା ପଡ଼ିବା ସହ ଅଙ୍କ ବଦଳିଥିବା ଚର୍ଚ୍ଚା ହେଉଛି । ସେପଟେ କିନ୍ତୁ ଆପ୍ ଏଥର ବି କ୍ଷମତାକୁ ଫେରିବା ସହ ଦଳ ହ୍ୟାଟ୍ରିକ୍ ମାରିବ ବୋଲି ଦୃଢ଼ୋକ୍ତି କରିଛନ୍ତି ଦଳୀୟ ନେତା । ତେବେ ୨୭ ବର୍ଷ ପରେ ଦିଲ୍ଲୀରେ ପଦ୍ମ ଫୁଟିବା ସହ ବିଜେପିର ଡବଲ ଇଞ୍ଜିନ ସରକାର ଗଢ଼ିବ, ନା ତୃତୀୟ ଥର କ୍ଷମତା ଦଖଲ ସହ ଝାଡୁ କମାଲ କରିବ, ତା ଉପରେ ସାରା ଦେଶବାସୀଙ୍କ ନଜର ।

## ଦିନକ ପରେ...

ତେଣୁ ଖେଳାଳିଙ୍କ ସୁରକ୍ଷାଠୁ ଦର୍ଶକଙ୍କ ଖେଳ ଦେଖା ଯାଏଁ ପୋଲିସ ବ୍ୟାପକ ବନ୍ଦୋବସ୍ତ କରିଛି । ଅପରପକ୍ଷେ ଟିକେଟ କଳାବଜାରୀକୁ ନେଇ ଯେଉଁ ଆଶଙ୍କା କରାଯାଇଥିଲା, ତାହା ସତ ପ୍ରମାଣିତ ହେବା ପରେ ଏବଂ ଓଟିଭିରେ ଖବର ବାଜିବା ପରେ ଜୋରଦାର ଧରପଗଡ଼ କରିଛି ପୋଲିସ ।ଦିନକ ପରେ ବାରବାଟୀ ବ୍ୟାଟେଲ୍...ସୁପର ସଣ୍ଡେରେ ହେବ ସୁପର୍ ସୋ'...ଇଂଲଣ୍ଡ-ଇଣ୍ଡିଆ ଦିନିକିଆରେ ଉଡ଼ିବ ଚୌକା ଛକ୍କା...ଫ୍ୟାନଙ୍କ ଉପସ୍ଥିତିରେ ଗର୍ଜିବ କଟକର ଐତିହାସିକ ବାରବାଟୀ ଷ୍ଟାଡ଼ିୟମ । ଏଥିପାଇଁ ଚମକିଲାଣି ଗ୍ରାଉଣ୍ଡ । ଗ୍ରୀନରୁମରୁ ଭିଆଇପି ବକ୍ସ ସବୁଠି ପ୍ରସ୍ତୁତିର ଶେଷ ସ୍ପର୍ଶ । ପିଚରୁ ପ୍ୟାଭିଲିୟନ୍ ଯାଏଁ ସଜେଇ ହେଲାଣି ରଙ୍ଗାରଙ୍ଗ ଭାବେ । ଗ୍ରାଉଣ୍ଡକୁ ଚେସ୍ ବୋର୍ଡ ଡିଜାଇନର ରୂପ ଦେବା ପାଇଁ ଆମେରିକାରୁ ଆସିଥିବା ୭୭ ଲକ୍ଷ ଟଙ୍କାର ଅତ୍ୟାଧୁନିକ୍ର ସ୍ୱତନ୍ତ୍ର ଗ୍ରାସ କଟିଂ ମେସିନରେ ଚାଲିଛି ଜୋରଦାର କାମ । ଆଜି ସମସ୍ତ ପ୍ରସ୍ତୁତି ସରିବା ପରେ ଆସନ୍ତାକାଲି ଉଭୟ ଟିମ୍ ନେଟ୍ସ ପ୍ରାକ୍ଟିସ୍ କରିବେ ପଡ଼ିଆରେ । ଏଥିପାଇଁ ଭୁବନେଶ୍ୱରରୁ ଷ୍ଟାଡ଼ିୟମ୍ ଯାଏଁ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କଟକ ବକ୍ସିବଜାର ପୋଲିସ ଗ୍ରାଉଣ୍ଡରେ ମ୍ୟାଚ୍ ବେଳେ ଆଇନଶୃଙ୍ଖଳା ରକ୍ଷା ନେଇ ବ୍ରିଫିଂ କରାଯାଇଛି । ମ୍ୟାଚ ସମୟରେ ୬୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ ବାରବାଟୀରେ । ୧୧୦ ଏସିପି ଏବଂ ଇନିସପେକ୍ଟରଙ୍କ ନେତୃତ୍ୱରେ ଟିମ୍ ଗୁଡ଼ିକ ଗଠନ କରାଯାଇଛି । ସୁରକ୍ଷା ପ୍ରୋଟୋକଲ୍ ଭିତରେ ରହିବ ଏସଓଜି, ଏସଟିଏଫ୍, କ୍ୱିକ୍ ଆକ୍ସନ ଟିମ୍ । ମ୍ୟାଚ୍‌କୁ ହାଇସ୍କୋରିଂ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନେଇଛି ଓସିଏ । ପ୍ରଥମ ଥର ପାଇଁ କଳାହାଣ୍ଡିରୁ ଆସିଥିବା କଳାମାଟିକୁ ବ୍ୟବହାର କରାଯାଇଛି ପିଚରେ । ଏହା ସହିତ ମୁମ୍ବାଇରୁ ଆସିଥିବା ନାଲିମାଟିରେ ବି ତିଆରି କରାଯାଇଛି ଆଉ ଏକ ପିଚ୍ । ସାର ବି ଆସିଛି ଅଷ୍ଟ୍ରେଲିଆରୁ । ସେହିପରି ପ୍ରଥମ ଥର ପାଇଁ ଲିଜେଣ୍ଡାରୀ ବକ୍ସ କରାଯାଇଛି । ଯେଉଁଠି ବସିବେ ରାଜ୍ୟକୁ ଗୌରାବନ୍ୱିତ କରିଥିବା ବ୍ୟକ୍ତିବିଶେଷ । ଶେଷ ଥର ପାଇଁ ୧୨ ଜୁନ, ୨୦୨୨ରେ ଦକ୍ଷିଣ ଆଫ୍ରିକା ଏବଂ ଟିମ୍ ଇଣ୍ଡିଆ ମଧ୍ୟରେ ହୋଇଥିଲା ଟି-ଟ୍ୱେଣ୍ଟି ଟକ୍କର। ଏବେ ୨ ବର୍ଷର ବ୍ୟବଧାନରେ ଦିନକ ପରେ ହେବାକୁ ଯାଉଛି ଇଂଲଣ୍ଡ ବିପକ୍ଷ ଦିନିକିଆ ଲଢ଼େଇ। ଅପେକ୍ଷା କିଏ ପିନ୍ଧୁଛନ୍ତି ବାରବାଟୀରେ ବିଜୟ ମୁକୁଟ ।

## ଆଜି ମିଳିବ ...

ମାର୍ଚ୍ଚ ୮ ରେ ସହାୟତା ପ୍ରଦାନ କରାଯିବ । ଘଚଡଓରେ ଅସୁବିଧା ନେଇ ୩ ଲକ୍ଷ ୩୮ ହଜାର ମହିଳାଙ୍କ ସୁଭଦ୍ରା ଟଙ୍କା ଅଟକିଥିଲା । ସରକାର ହିତାଧିକାରୀଙ୍କୁ ବ୍ୟାଙ୍କ ଯିବାକୁ କହିବା ପରେ ୬୮ ହଜାର ହିତାଧିକାରୀଙ୍କର ଡକ୍ୟୁମେଣ୍ଟ କ୍ଲିୟର ହୋଇଛି । ବାକି ହିତାଧିକାରୀ ଘଚଡଓ କ୍ଲିୟର କଲେ ଆସନ୍ତା ମାର୍ଚ୍ଚ ୮ରେ ଉଭୟ ପ୍ରଥମ ଓ ଦ୍ୱିତୀୟ କିସ୍ତି ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ସେପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆସନ୍ତାକାଲି ଯାଜପୁର ବ୍ୟାସନଗର ଚାନ୍ଦମା ପଡ଼ିଆରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ବାଣ୍ଟିବା ଲାଗି ହୋଇଛି ବ୍ୟାପକ ଆୟୋଜନ । ମୁଖ୍ୟମନ୍ତ୍ରୀ ଯାଜପୁରର ବ୍ୟାସନଗର, କୋରେଇ ଓ ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନ ପାଇଁ ୮ଟି ପ୍ରକଳ୍ପର ଶୁଭ ଉଦଘାଟନ ମଧ କରିବେ । ଗୋଟିଏ ପଟେ ଫେଜ୍ ବାଇ ଫେଜ୍ ସୁଭଦ୍ରା ପ୍ରଥମ କିସ୍ତି ଟଙ୍କା ମିଳି ଚାଲିଛି । ହେଲେ ଅନେକ ଆବେଦନକାରୀ ଟଙ୍କା ନପାଇ ନିରାଶ ହୋଇ ବସିଛନ୍ତି । ଏଇ ଯେମିତି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁସୁନପୁର ଗାଁର ମହିଳା ଲିଜା ଘଡ଼େଇ ଓ ପୂର୍ଣ୍ଣିମା ଘଡ଼େଇଙ୍କ ସହ ଅନ୍ୟଜଣେ ମହିଳା । ସବୁ ଆବଶ୍ୟକ ଡକ୍ୟୁମେଣ୍ଟ ଦେଇ ଆବେଦନ କରିଥିଲେ ମଧ ଟଙ୍କା ଆସୁନାହିଁ । ଯେତେଥର ଟଙ୍କା ମିଳୁଛି, ସେମାନେ ବ୍ୟାଙ୍କକୁ ଯାଇ ନାସ୍ତିବାଣୀ ଶୁଣି ଫେରୁଛନ୍ତି । ତେବେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟରେ ପ୍ରଥମ କିସ୍ତି ଟଙ୍କା ମିଳୁଥିବା ଶୁଣିବା ପରେ ସେମାନେ ମଧ ଏହି ପର୍ଯ୍ୟାୟରେ ସହାୟତା ମିଳିବ ବୋଲି ଆଶା ରଖିଛନ୍ତି । ଗତବର୍ଷ ସେପଟେମ୍ବର ୧୭ରେ ରାଜ୍ୟରେ ସୁଭଦ୍ରା ଯୋଜନା ଲାଗୁ କରିଥିଲେ ମୋହନ ସରକାର । ସେବେଠୁ ତିନିଟି ଫେଜ୍ ରେ ହିତାଧିକାରୀଙ୍କୁ ୫ହଜାର ଲେଖାଏଁ ଟଙ୍କା ମିଳୁଛି । ଆସନ୍ତାକାଲି ସୁଦ୍ଧା ପ୍ରଥମ କିସ୍ତି ପାଇଥିବା ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷ ଟପିଯିବ ।

## ଡ଼ ତପନ କୁମାର ବେହେରାଙ୍କ...

ଅଧ୍ୟାପିକା ରଶ୍ମିତା ମହାପାତ୍ର, ଅଧ୍ୟାପକ ଡ଼ ତପନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ନାଟକର ଅପ ରିହାର୍ଯ୍ୟତା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଶ୍ରୀଧର ବେହେରା, ଅଧ୍ୟାପକ ହରେନ୍ଦ୍ର ଗାଁ ଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟ୍ୟକାର ଡ଼ ତପନ ବେହେରା କହିଥିଲେ ବାପା ନାଟକ ସାମ୍ପ୍ରତିକ ସମାଜ ବ୍ୟବସ୍ଥାର ଏକ ଜ୍ୱଳନ୍ତ ପ୍ରତିଛବି। +୩ଓ +୨ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ଡ଼ ଅରୁଣୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଡ଼ ଶାନ୍ତନୁ ଜେନା, ଲାଖିରାମ ହାଁସଦା ବାପା ନାଟକ ଏକ ସମାଜ ପାରିବର୍ତ୍ତନର ଧାରାରେ ସାହାଯ୍ୟ କରିବବୋଲି ଉଲେଖ କରିଥିଲେ।

## ରାଜ୍ୟ ସରକାରଙ୍କ ...

ଜଣେ ମହିଳା ଇନ୍ଦିରା ଆବାସ ଘରର ପ୍ରଥମ କିସ୍ତି ପାଇଥିଲେ । ହେଲେ ତାଙ୍କୁ ଦ୍ୱିତୀୟ କିସ୍ତି ଦେବା ପାଇଁ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ବା ବିଡିଓ ବାରମ୍ବାର ବ୍ଲକ୍ ଦୌଡାଉଥିଲେ । ଉକ୍ତ ମହିଳା ଜଣଙ୍କ ଦ୍ୱିତୀୟ ଥର ମନ୍ତ୍ରୀ ଡକ୍ଟର ପାତ୍ରଙ୍କୁ ଦେଖା କରିବା ଲାଗି ଯାଇଥିବା ବେଳେ ଜଣାପଡିଥିଲା ଯେ ସ୍ଥାନୀୟ ଜଣେ ରାଜନୈତିକ ନେତାଙ୍କ ଚାପରେ ବିଡିଓ ମହାଶୟ ଉକ୍ତ ମହିଳାଙ୍କ ପ୍ରାପ୍ୟ ଦ୍ୱିତୀୟ କିସ୍ତି ଅର୍ଥ ଦେବା ପାଇଁ ହଇରାଣ କରୁଥିଲେ । ଏହା ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ନୟାଗଡ ଜିଲ୍ଲାର କଣ୍ଟିଲୋ ଗସ୍ତ ସମୟରେ ରାତିରେ ଚୋରା ବାଲି ଗାଡି ଧରି ପୁଲିସ୍ ଜିମା ଦେଇଥିଲେ । ମନ୍ତ୍ରୀଙ୍କ ଏତାଦୃଶ କର୍ମତତ୍ପରତା ବେଶ୍ ପ୍ରସଂଶା ସାଉଁଟିଥିଲା । କେବଳ ଉପରୋକ୍ତ ତିନି ଜଣ ମନ୍ତ୍ରୀ କାହିଁକି, ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ ଅନେକ ସମୟରେ ଲୋକମାନଙ୍କ ସମସ୍ୟା ବାଟରେ ଘାଟରେ ସମାଧାନ କରୁଥିବା ନଜର ବାରମ୍ବାର ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି । ଏହାମଧ୍ୟରେ ଶ୍ରୀ ମାଝି ୮ ଥର ଜନଶୁଣାଣୀ କରି ୬ହଜାର କେଶ୍‌ର ସମାଧାନ କରିସାରିଛନ୍ତି । ଅଭିଯୋଗ ଓ ସମସ୍ୟା ଶୁଣାଣୀ ସଫଳତାର ହାର ପ୍ରାୟ ୮୦ ପ୍ରତିଶତରୁ ଉପରେ ରହିଛି । ସବୁଠି ଗୋଟିଏ କଥା ଦେଖାଯାଇଛି ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ଅଭିଯୋଗ ଶୁଣାଣୀ ସମୟରେ ସମସ୍ତ ସରକାରୀ କର୍ମଚାରୀ ବେଶ୍ ସକ୍ରିୟତାର ସହିତ ସହଯୋଗର ହାତ ବଢାଉଛନ୍ତି । ଅଧିକାରୀମାନଙ୍କ ଠାରୁ ଅଧସ୍ତନ କର୍ମଚାରୀମାନେ ସେମାନଙ୍କ ରାଜନୈତିକ ମୁନିବମାନଙ୍କ ସହିତ ଆନ୍ତରିକତା ସହିତ କାମ କରିବାର ଦୃଶ୍ୟ ଦେଖିବାକୁ ମିଳୁଛି ।

## ବିଜେପି ବିରୋଧରେ....

ଇତିହାସ ଉପରେ ତେବେ କର୍ଣ୍ଣାଟକ, ମହାରାଷ୍ଟ୍ର, ହିମାଚଳପ୍ରଦେଶ, ଛତିଶଗଡରେ ମଧ ଅପରେସନ ଲୋଟୋସ ଦେଖିବାକୁ ମିଳିଛି । ଛକାପଞ୍ଝା ଭିତରେ ବିଧାୟକଙ୍କୁ ନେଇ ରିସୋର୍ଟରେ ରଖିବା ପରେ ସ୍ଥିତି ସୁଧୁରିଲେ ପାଭିଲିୟନକୁ ଫେରିବା ଘଟଣା କିଛି ନୂଆ ନୁହେଁ । ତେବେ ଦିଲ୍ଲୀ ଫଳାଫଳ ବାହାରିବାକୁ ଦିନଟିଏ ଥିବାବେଳେ ବିଜେପି ଉପରେ ଆପର ଅଭିଯୋଗ ଆଗକୁ କେଉଁ ମୋଡ ନେଉଛି ତାକୁ ଦେଖୀବାକୁ ବାକି ରହିଲା ।

## ଖୁବଶୀଘ୍ର ମିଳିବ...

ରାଜ୍ୟରେ ସାଢେ ୩ଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ । ମନ୍ତ୍ରୀଙ୍କ କହିବା ଅନୁସାରେ, ବିରୋଧୀଦଳରେ ଥିବା ବେଳେ ଏହା ଲାଗୁ କରିବା ପାଇଁ ଦାବି କରିଥିଲୁ । ସରକାରକୁ ଆସିବା ପରେ ଆମେ ପ୍ରତିଶୃତି ପାଳନ କରିଛୁ । ଏହା ଦ୍ୱାରା ୧.୩ କୋଟି ପରିବାରରେ ସାଢେ ୩ କୋଟି ଲୋକ ଉପକୃତ ହେବେ । ଗୋପବନ୍ଧୁ ଜନଆରୋଗ୍ୟ ସହିତ ଆୟୁଷ୍ମାନ ଭାରତ ଗୋଟିଏ କାର୍ଡରେ ମିଳିବ ।ସାରା ଦେଶରେ ଯିଏ ଯେଉଁଠାରେ ରହିଥିଲେ ମଧ ଏହାର ସୁଯୋଗ ପାଇବେ । ଦେଶର ୩୦ ହଜାର ହସ୍ପିଟାଲରେ ଏହି ସୁବିଧା ମିଳିବ ବୋଲି ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୁଚନା ଦେଇଥିଲେ ପୁର୍ବ ସରକାରଙ୍କ ସମୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ରାଜ୍ୟବାସୀଙ୍କ ପାଇଁ ଲାଗୁ କରିଥିଲେ ସରକାର ଏଥିସହ ସେ ଆହୁରି କହିଥିଲେ ସ୍ୱାସ୍ଥ୍ୟ କାର୍ଡ ଲାଗୁ ହେବା ପରେ ନବେ ପ୍ରତିଶତ ଲୋକେ ଏହି କାର୍ଡ ମାଧ୍ୟମରେ ସହାୟତା ପାଇବେ ଏହି କାର୍ଡର ଶୁଭାରମ୍ଭ ହୋଇଥିଲା ଡିସେମ୍ବର ୨୯ ୨୦୨୩ ମସିହାରେ ସେହି ସମୟର ସରକାରଙ୍କ ବାର୍ତ୍ତା ରହିଥିଲା ରାଜ୍ୟବାସୀଙ୍କ ପାଇଁ ମୋ ରାଜ୍ୟରେ କେହି ବି ସାଧାରଣ ଜନତା ଚିକିତ୍ସା ଅଭାବରୁ ବଂଚିତ ହେବେ ନାହିଁ ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗେଇଦେବା ମୋର କର୍ତ୍ତ୍ୟବ କିନ୍ତୁ ବଦଳିଛି ସରକାର ଏହାପରେ ବଦଳିଥିଲା ସମସ୍ତ ନିୟମ ସେହି କାର୍ଡ ପରିବର୍ତ୍ତନ ହେବା ପରେ ସେହି କାର୍ଡ ଏବେ ଆୟୁଷ୍ମାନ କାର୍ଡ ନାମରେ ନାମିତ କରାଯାଇଛି।

ଶନିବାର, ଫେବୃଆରୀ ୦୮, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମା’ ବୀଣାପାଣି କ୍ଲବ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର କୁଞ୍ଜା ଗଡ଼ିଆ ଛକ ନିକଟରେ ମା ବୀଣାପାଣି କ୍ଲବ୍ ପକ୍ଷରୁ ସରସ୍ୱତୀ ପୂଜା ଅବସରରେ ନୃତ୍ୟ ସଙ୍ଗୀତ ଓ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସମାଜସେବୀ ମନୋଜ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜସେବୀ ପ୍ରତାପ ସେନାପତି, ଅମରେନ୍ଦ୍ର ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଆଲୋକ ରଞ୍ଜନ ପଣ୍ଡା, କ୍ଲବ୍ ସଭାପତି ଉମାକାନ୍ତ ଗିରି, ସମ୍ପାଦକ ହୃଷୀକେଶ ଜେନା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ରଖିଥିଲେ। ଶିକ୍ଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଭାଇଚାରା ସଂପର୍କରେ ଅତିଥି ମାନେ ଖୁବ୍ ସୁନ୍ଦର ଓ ମନଛୁଆଁ ଅଭି ଭାଷଣ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ବୀଣାପାଣି କ୍ଲବ୍ ର ସହ ପରିଚାଳକ ଅନନ୍ତ ଜେନା, ସଦସ୍ୟ ସୁଶୀଲ କୁମାର ଭାରତୀ, କ୍ଷୀରୋଦ ଗିରି, ଆଶିଷ ପୁରି, ଚିନ୍ମୟ ମହାନ୍ତି, କୈଳାସ ଦାସ, ଗୌତମ ମହନି,ଅଭୟ ଆରଣ, ସତ୍ୟଜିତ ପାଢ଼ୀ, ମନୋରଞ୍ଜନ ଗିରି, ଆଶିଷ ଗିରି, ହିମାଂଶୁ ଗିରି, ରାଜେନ୍ଦ୍ର ମଣ୍ଡଳ, ଦୟାନିଧି ଗିରି, ପ୍ରଭାତ ମହାନ୍ତି,ଗଜେନ୍ଦ୍ର ଗିରି, ରାକେଶ ମହାନ୍ତି, ଗୌତମ ଗିରି ପ୍ରମୁଖ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇ ଥିଲା।



# ଫ୍ରେଣ୍ଡସ ଫେମିଲି ପକ୍ଷରୁ ମାଛ ଚାଷ ପ୍ରଶିକ୍ଷଣ ଶିବିର



ବସ୍ତା, ୭/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡ଼ାଡିହା ସ୍ଥିତ ଫ୍ରେଣ୍ଡସ ଫେମିଲି ଆନୁକୁଲ୍ୟ ରେ ଏକ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଫ୍ରେଣ୍ଡସ ଫେମିଲି ର ଦୁଇ ସହଯୋଗୀ ପ୍ରସନ୍ନ କୁମାର ସାହୁ ଏବଂ ବଂଶୀଧର ପଣ୍ଡାଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବଂଶୀଧର ପଣ୍ଡା ଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଚାଷ ଅଧିକ୍ଷକ ଜିତେନ୍ଦ୍ର କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ଏବିସ କମ୍ପାନୀ ର ଭାଏସ ଚେୟାରମେନ ସେକ ରସିଦୁଲ ହକ, ସମ୍ମାନିତ ଅତିଥି ଭାବେ ଏବିସ୍ କମ୍ପାନୀ ର ବ୍ରଏଲର ଇଣ୍ଟିଗ୍ରେସନ୍ ଓଡ଼ିଶା ହେଡ ଅଭିମନ୍ୟୁ ବାରିକ,ସମ୍ମାନିତ ଅତିଥି ଭାବେ ଏବିଶ କମ୍ପାନୀ ର ରିଜିଓନାଲ ମ୍ୟାନେଜର ସୌଗତ ରାୟ ପ୍ରମୁଖ ଯୋଗ ଦେଇ ଉନ୍ନତ ମାନର ମାଛ ଏବଂ ବ୍ର ଏଲାର କୁକୁଡ଼ା ଚାଷ ଉପରେ ଆଲୋଚନା କରିଥିଲେ। ସରକାରୀ ସ୍ତରରେ ପୋଖରୀ ଖୋଳା,ଜାଆଁଳ ଚାଷ, ଚିଙ୍ଗୁଡ଼ି ଚାଷ ପାଇଁ ସବସିଡି ଲୋନ୍ ର ବ୍ୟବସ୍ଥା ଥିବା ବେଳେ ଉନ୍ନତ ମାନ ର ଚାଷ ପାଇଁ ବିଭାଗ ଦ୍ୱାରା ଚାଷୀ ମାନଙ୍କୁ ଟ୍ରେନିଂ ଦିଆଯାଉଥିବା କହିଛନ୍ତି ଅଧିକାରୀ। ତେବେ କୁକୁଡ଼ା ଚାଷ ଉପରେ ଅଧିକାରୀ ଶ୍ରୀ ବାରିକ ଓପନ ଫର୍ମ ଏବଂ ଇସି ଫର୍ମ ଉପରେ ଆଲୋଚନା କରିଥିଲେ। ଇସି ଫର୍ମ ରେ ଡବଲ ଇନ୍ କମ ସହିତ ସରକାରୀ ସ୍ତରରେ ସବ ସିଡି ର ବ୍ୟବସ୍ଥା ଥିବା କହିଥିଲେ । ତେବେ ଫ୍ରେଣ୍ଡସ ଫେମିଲି ର ଉଦ୍ୟମ କ୍ରମେ ରୂପସା ଅଞ୍ଚଳ ର ଅନେକ ବ୍ୟକ୍ତିମାନେ ମାଛ ଚାଷ ସହିତ କୁକୁଡ଼ା ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରି ଥିବା ବେଳେ ଅନ୍ୟମାନେ ମଧ୍ୟ ଏହାର ସୁଯୋଗ ନେଇ ଚାଷ କରିବାକୁ ଅତିଥି ମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ଫ୍ରେଣ୍ଡସ ଫେମିଲି ର ସମସ୍ତ ସଦସ୍ୟ ପରିଚାଳନା ରେ ସହୋଜୋଗ କରିଥିଲେ ।

# ‘ଜିଆଲ ଜୁଓ୍ୱାନ ସ୍ପୋର୍ଟିଂକ୍ଲବ୍’ ତେଲିପାଳ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ଉଦ୍‌ଯାପିତ

ନୀଳଗିରି, ୭/୨ (ନି.ପ୍ର): ତେଲିପାଳ ସ୍ଥିତ ଜିଆଲ୍ ଜୁଓ୍ୱାନ ସ୍ପୋର୍ଟିଂ କ୍ଲବ୍ ଆନୁକୁଲ୍ୟରେ ଦୁଇଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଆଠଗୋଟି ଫୁଟବଲ ଟିମ୍ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଉଦଯାପନୀ ଉତ୍ସବରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ତାଙ୍କୁ ଆଦିବାସୀ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ପରିଡା ଏବଂ ସ୍ଥାନୀୟ ଯୁବନେତା ତଥା ସମାଜସେବୀ ଉପେନ୍ଦ୍ର ଦାସ ଫାଇନାଲ ମ୍ୟାଚ ଖେଳୁଥିବା ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟାର ଜୁନିଅର ଏଫ୍. ସି ଏବଂ ନୀଳଗିରି ସାତରାଣ୍ତ ବୀର ବାଗନ୍ ଏଫ୍.ସି ଦଳର ଖେଳାଳୀ ମାନଙ୍କ ସହିତ କରମର୍ଦ୍ଦନ ପୂର୍ବକ ଚୁଡାନ୍ତ ମ୍ୟାଚର ଶୁଭାରମ୍ଭ କରିଥିଲେ। ଅନ୍ତିମ ମ୍ୟାଚ୍ ଆକର୍ଷଣୀୟ ହୋଇଥିବା ବେଳେ ଶେଷରେ ଜୁନିଅର ଏଫ୍.ସି ବି. କେ ଖୁଣ୍ଟାଦଳ ୧: ୦ଗୋଲରେ ବୀରବାଗାନ ସାତରାଣ୍ତ ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସୂର୍ଯ୍ୟାନନ୍ଦ ମାଝୀ, ବିଜୟ ମାଝୀ, ଯୁବରାଜ ମାଝୀ ରେଫରି ଭାବେ ଖେଳ ପରିଚାଳନାରେ ସହଯୋଗ କରିଥିବା ବେଳେ କ୍ଲବ୍ ସଭାପତି ଚନ୍ଦନ ମାଝୀ, ଉପସଭାପତି ସନ୍ତୋଷ ହେମ୍ବ୍ରମ, ସମ୍ପାଦକ ଭାଗବତ ମାଝୀ, ସହସମ୍ପାଦକ ଲକ୍ଷ୍ମଣ ମାଝୀ , ସଦସ୍ୟ ଦଶରଥ ମାଝୀ, ପର ମାଝୀ, ବାଦଲ (କ), ବସନ୍ତ ମାଝୀ, ଶ୍ରୀଧର ମାଝୀ,ଜୁଲୁ ସ, ଝାଲୁ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଝାମ୍ପି ନେଲେ ଟଙ୍କା ଭର୍ତ୍ତି ବ୍ୟାଗ

ଭୁବନେଶ୍ୱର, ୭/୨ (ନି.ପ୍ର): ଦିନ ଦ୍ୱିପହରରେ ମାତିଲେ ଲୁଟେରା । ଇନଫୋସିଟି ଅଂଚଳରୁ ଝାମ୍ପି ନେଲେ ଟଙ୍କା ଭର୍ତି ବ୍ୟାଗ । ଅଢେଇ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃର୍ତ୍ତ । ଟଙ୍କା ନେଇ ବ୍ୟାଙ୍କରୁ ଫେରିବା ବେଳେ ଝାମ୍ପିନେଇଛନ୍ତି ଦୁର୍ବୃତ୍ତ ।

# କପ୍ତିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ୟା

ଉଦଳା , ୭/୨ (ନି.ପ୍ର): ସମଗ୍ର ମୟୂରଭଂଜ ଜିଲ୍ଲାରେ ଦ୍ୱିତୀୟ ବୃହତମ ପଂଚାୟତ ସମିତି ଭାବରେ କପ୍ତିପଦା ପରିଗଣିତ ହୋଇଥାଏ । ଏତେବଡ଼ ଅଂଚଳ ପାଇଁ ଏଠାରେ କାର୍ଯ୍ୟକରୁଥିବା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ନିଜସ୍ୱ ଗୃହ ନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର, ଯେଉଁଘରେ ବର୍ତମାନ କାର୍ଯ୍ୟାଳୟ ଚାଲୁଛି ଏହା ଏତେ ଛୋଟ ଯେ କାର୍ଯ୍ୟାଳୟର ଅସବାବପତ୍ର ରଖିସାରିବା ପରେ ଆଉ ବସା ଉଠା ପାଇଁ ଜାଗା ମିଳୁନାହିଁ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି । ଫଳରେ



କାର୍ଯ୍ୟାଳୟରେ ନାହିଁନଥିବା ସମସ୍ୟା ଦେଖାଯାଉଥିବାର ସେ କହିଛନ୍ତି । ସେହିପରି ବହୁ ସଂଖ୍ୟାରେ ପିଲା ହଷ୍ଟେଲ ସିଟ ଖୋଜୁଛନ୍ତି । କିନ୍ତୁ ସବୁ ପିଲାଙ୍କୁ ହଷ୍ଟେଲ ସିଟ ଯୋଗାଇଦେବା ଆମପକ୍ଷେ ସମ୍ଭବ ହୋଇପାରୁ ନାହିଁ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ମିଶ୍ର କହିଛନ୍ତି । ତାହାଛଡ଼ା ହଷ୍ଟେଲ ଗୁଡ଼ିକ ସିଧାସଳଖ ଆମ ନିୟନ୍ତ୍ରଣରେ ନଥିବାରୁ ଆମକୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଜଣାଇଛନ୍ତି । କପ୍ତିପଦା ଅଂଚଳ ଆୟତନରେ ବଡ଼ ହୋଇଥିଲେ ମଧ୍ୟ ଅଧିକାରୀଙ୍କର ଯାତାୟତ ପାଇଁ ଏଠାରେ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି ।

# ଜଗତ ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣାମେଣ୍ଟ ଉଦ୍‌ଯାପିତ

ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ପଂଚାୟତର ବୀଣାଦଣ୍ଡା ପଡ଼ିଆରେ ଜଗତ ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ରେନ୍ ବୋ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଏହି ଖେଳ ଆୟୋଜନ ହୋଇ ଥିଲା। ଏହି ଫାଇନାଲ ମ୍ୟାଚ୍ ରେ ଡୋମିନେଟର ଇଲେଭେନ୍ କ୍ଲବ୍ ଅନ୍ଦୋଳା କୁ ହରାଇ ଜୟ ଜଗନ୍ନାଥ କ୍ଲବ୍ ବାସୁଦେବପୁର ବିଜୟ ଲାଭ କରି ଥିଲା। ଏହି ସୁନ୍ଦର ଓ ଆକର୍ଷଣୀୟ ଖେଳ ଉତ୍ସବରେ ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ, ସମାଜସେବୀ ମନୋଜ ନାୟକ, ରାଜ ଘର ପୋଖରୀ ସରପଞ୍ଚ ଅରୁଣ ମହାନ୍ତି ପପୁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୟୀ ଦଳ କୁ ପଚିଶ ହଜାର ଟଙ୍କା ଓ ରନର୍ସ ଅପ୍ ଦଳ ଙ୍କୁ ପନ୍ଦର ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରା ଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ସଞ୍ଜୀବ ମଲ୍ଲିକ, ସହ ସମ୍ପାଦକ ମାନସ ନାୟକ ଏହି ଉତ୍ସବରେ ଯୋଗ ଦେଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଓ ସ୍କୋର ବୋର୍ଡ ରେ ସହଯୋଗ କରିଥିଲେ ରଶ୍ମି ରଞ୍ଜନ ମହାନ୍ତି ଓ ଅଜୟ ନାୟକ। ଖେଳ ପରିଚାଳନା କରିଥିଲେ ଆଲୋକ ସାହୁ ଓ ପ୍ରଦୀପ ମହାନ୍ତି। ସଦସ୍ୟ ଦୀନବନ୍ଧୁ ବେହେରା, ରାଜେଶ ସାହୁ ଅକ୍ଷୟ ନାୟକ ଓ ବହୁ ସଦସ୍ୟ କର୍ମ କର୍ତ୍ତା। ଏହି ଉତ୍ସବରେ ସହଯୋଗ କରିଥିଲେ।



# ରିଲିଜ୍ ହେଲା ଓଡ଼ିଆ ଚଳଚିତ୍ର ‘ସନାତନୀ’ କର୍ମ ହିଁ ଧର୍ମ

ଭୁବନେଶ୍ୱର, ୭/୨ (ନି.ପ୍ର): ରିଲିଜ୍ ହେଲା ଓଡ଼ିଆ ଚଳଚିତ୍ର ‘ସନାତନୀ’ କର୍ମ ହିଁ ଧର୍ମ ’। ରିଲିଜ୍ ପୂର୍ବରୁ ହଲରେ ଏକାଠି ହେଲେ ସାଧୁସନ୍ଥ। ଜୟ ଶ୍ରୀରାମ ନାରାରେ କମ୍ପିଲା ସିନେମା ହଲ ପରିସର। ଏପଟେ କିଛି ଅପ୍ରୀତିକର ପରିସ୍ଥିତି ନଘଟେ ସେଥିପାଇଁ ସଜାଗ ରହିଛି ପୋଲିସ ବିଭାଗ। ଏହି ସନାତନୀ ‘କର୍ମ ହିଁ ଧର୍ମ ରେ ଦେଖିବାକୁ ମିଳିବ ଧର୍ମାନ୍ତିକରଣର ସତ। ଦେଶରେ ବଳପୂର୍ବକ ଧର୍ମାନ୍ତରୀକରଣ ହୋଇପାରିବ ନାହିଁ ଏଭଳି ନିୟମ ରହିଛି। ତା ପରେ ମଧ କେମିତି ଲୋକଙ୍କୁ ଭ୍ରମିତ କରାଯାଉଛି ତାହା ଦେଖାଇବ ଚଳଚ୍ଚିତ୍ର । ଲୋକେ ଦେଖିବେ କିଭଳି ପ୍ରବର୍ତାଯାଏ ଧର୍ମ ପରିବର୍ତ୍ତନ ପାଇଁ ଆଦିବାସୀଙ୍କୁ ,କେମିତି ସେମାନଙ୍କ ଜମି ବାଡ଼ି ଅକ୍ତିଆର କରାଯାଏ।

# ଖଇରା ସରସ୍ୱତୀ ଶିଶୁ ମନ୍ଦିରର ମାତୃସମ୍ମିଳନୀ ଓ ବାର୍ଷିକ ଉତ୍ସବ

ଖଇରା, ୭/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୦ତମ ବାର୍ଷିକୋତ୍ସବ ଗୁରୁବାର ଦିନ ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଆୟୋଜିତ ମାତୃସମ୍ମିଳନୀରେ ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଖଇରା ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି,ଅଧ୍ୟାପିକା ଡ ହରପ୍ରିୟା ମହାନ୍ତି ମୁଖ୍ୟବକ୍ତା ଓ ସଙ୍କୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଶିଶୁ ବାଟିକା ସ୍ତରରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ରାଧାକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ପୁରସ୍କାର ବିତରଣୀ ସଭାରେ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ବ୍ରଜସୁନ୍ଦର ସ୍ୱାଇଁ ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ଅଧ୍ୟାପକ ବନମାଳୀ ବାରିକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ସଂସ୍କାର ସଂସ୍କୃତି ସୁରକ୍ଷିତ ରହିଲେ ଦେଶ ଓ ଜାତି ଆଗକୁ ବଢିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ଓ ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ,ଅକ୍ଷୟ କୁମାର ବାରିକ ବିବରଣୀ ପାଠ, ଶୁକଦେବ ପରିଡା ଓ ସବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ମ୍ୟାଜିକ ସୋ ଓ ପିଲାମାନଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯାଇଥିଲା ।



# ସ୍ୱପ୍ନ ହିଁ ସଫଳତାର ଶୀର୍ଷ ପାହାଚ

ବାଲେଶ୍ୱର, ୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ମାକିଡ଼ିଆ ପଂଚାୟତ କୁଆଁରପୁର ଗାଁରେ ଥିବା ବିଶେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟର ୭୨ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହେଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବେତନଟି ବ୍ଲକର ଏବିଓ ଗୋପାଳ ଚନ୍ଦ୍ର ସେନାପତି, ମୁଖ୍ୟ ବ୍ୟକ୍ତା ଭାବେ ସମାଜସେବୀ ନିଷ୍କଳ ଘଡେଇ ଏବଂ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ ଘଡେଇ, ଗୋପାଳପୁର କ୍ଲଷ୍ଟର ସିଆରସିସି ସତ୍ୟବ୍ରତ କାପୁଡି, ଗୋପାଳ କରଣଙ୍କ ମଞ୍ଚରେ ଉପସ୍ଥିତ ରହି ବ୍ୟକ୍ତବ ପ୍ରଦାନ କରିଥିଲେ । ସଭାରେ ମଞ୍ଚ ଆହ୍ୱାନ ସହିତ ଅତିଥିପରିଚୟ ଦେଇଥିଲେ ଶିକ୍ଷକ ନିତ୍ୟାନନ୍ଦ ଦଣ୍ଡପାଟ । ବିଫଳତା ହିଁ ସଫଳତା ର ଚାବିକାଠି ବୋଲି ମୁଖ୍ୟଅତିଥି ଶ୍ରୀ ସେନାପତି କହିଥିଲେ । ବହୁ ମହାପୁରୁଷଙ୍କ ଜୀବନୀ ଏବଂ ସଂଘର୍ଷ ଓ ସଫଳତା ବିଷୟରେ କହି ପିଲାଙ୍କୁ ଉତ୍ସାହିତ କରିଥିଲେ । ଜୀବନରେ କୌଣସି କ୍ଷେତ୍ରରେ ହାର ନ ମାନି ଲକ୍ଷ୍ୟ ସ୍ଥଳରେ ପହଂଚିବାକୁ ହେଲେ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡେ ଆଉ ସେ ହିଁ ସଫଳ ହୁଏ ବୋଲି ମୁଖ୍ୟବ୍ୟକ୍ତା ଶ୍ରୀ ଘଡେଇ କହିଥିଲେ । ସ୍ୱପ୍ନ ହିଁ ସଫଳତାର ଶୀର୍ଷ ପାହାଚ ବୋଲି ପରିଚାଳନା କମିଟି ସଭାପତି ଶ୍ରୀ ଘଡେଇ କହିଥିଲେ । ୩୨ଟି ବିଭାଗରେ କୃତି ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ବେନି ମାରାଣ୍ଡି, ଗାୟତ୍ରୀ ସାହୁ, ସୁଧୀର ଘଡେଇ ଓ ରବୀନ୍ଦ୍ର ନାଥ ଘଡେଇ ଉପସ୍ଥିତ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସୁଧୀର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ନାଚ ଗୀତର ମନୋରଞ୍ଜନର କାର୍ଯ୍ୟକ୍ରମ ସହିତ ଏକ କ୍ଷୁଦ୍ର ନାଟକ ଅନୁଷ୍ଠିତ ହେଇଥିଲା ।

# ନୀଳଗିରି ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ପାଳିତ




ନୀଳଗିରି : ୭/ ୨ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ନୀଳଗିରି ମହାବିଦ୍ୟାଳୟ ପରିସରରେ ୪୭ ତମ ବାର୍ଷିକଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥିଭାବେ ନୀଳଗିରି କଲେଜର ପୂର୍ବତନ ପ୍ରାଧାପକ ତଥା ଫକୀର ମୋହନ ୟୁନିଭରସିଟିର ସିନେଟ ସଦସ୍ୟ ଉମାକାନ୍ତ ଦାସ, ଅଧାପକ ଡ଼.କନକଲତା ହାତୀ, ମଧୁସ୍ମିତା ପଣ୍ଡା, ଅଧାପକ ଡ଼. ଏସ କେ ନାୟକ, ମଞ୍ଚାସିନ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କଟିଥିଲେ । ଉକ୍ତ ବାର୍ଷିକଉତ୍ସବ ରେ କଲେଜର ଅଧକ୍ଷ ବିରେଶ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଅଧାପକ ଏସ କେ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପକ ମଧୁସ୍ମିତା ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅଧାପକ ଏସ କେ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ମହା ବିଦ୍ୟାଳୟର ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟ ର ସମସ୍ତ ଅଧାପକ, ପ୍ରାଧାପକ, କର୍ମଚାରୀ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନ ଏବଂ ରାଜ୍ୟ ସରକାରଙ୍କ ଗୃହ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୭/୨ (ନି.ପ୍ର): ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚଡବ୍ଲୁସି) ଏବଂ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଏମଡି, ଓପିଏଚଡବ୍ଲୁସି ଏବଂ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ରର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଉଛି: ଓପିଏଚଡବ୍ଲୁସିକୁ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫% ଅଭିବୃଦ୍ଧି ସହିତ ୧୨୫୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓପିଏଚଡବ୍ଲୁସିକୁ ୧୬% ଅଭିବୃଦ୍ଧି ସହିତ ୬୨.୫୦ କୋଟି ଟଙ୍କାର ଲାଭର ଲକ୍ଷ୍ୟ ଦିଆଯାଇଛି। ଓପିଏଚଡବ୍ଲୁସି ଟଙ୍କା ଲାଭ ବଂଟନ କରିବାକୁ ପ୍ରତିଶ୍ରୁତିବଦ୍ଧ।

DADLS-96



ଓଡ଼ିଶା ସରକାର

ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅଶୋକ ମହାନ୍ତି, ବିଧାୟକ, ପାଲଲହଡ଼ା
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ, ଅନୁଗୋଳ
ଶ୍ରୀଯୁକ୍ତ ଅଗସ୍ତି ବେହେରା, ବିଧାୟକ, ଛେଣ୍ଡିପଦା
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ, ବିଧାୟିକା, ହିନ୍ଦୋଳ

ସମ୍ମାନନୀୟ ବକ୍ତା
ଡ. ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR : 15001/13/0421/2425

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida